ECHO OF HIS CALL
ଆହ୍ୱାନର ପ୍ରତିଧ୍ୱନି
ODIA
India's National Spiritual Newspaper
₹ 10/-
Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN
Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL
Vol. XXVIII YEAR OF OUR LORD JESUS CHRIST, 2026 OCTOBER No.08

## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଯୋହନ ୧:୧–୧୦)

୧ ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ ।

୨ ସେ ଆଦ୍ୟରେ ଈଶ୍ୱରଙ୍କ ସହିତ ଥିଲେ ।

୩ ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହେଲା ; ଆଉ ଯେସମସ୍ତ ସୃଷ୍ଟ ହୋଇଅଛି, ସେଥିମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟ ହୋଇ ନାହିଁ ।

୪ ତାହାଙ୍କଠାରେ ଜୀବନ ଥିଲା ଓ ସେହି ଜୀବନ ମନୁଷ୍ୟମାନଙ୍କର ଜ୍ୟୋତିଃ ।

୫ ସେହି ଜ୍ୟୋତିଃ ଅନ୍ଧକାରରେ ଜାଜ୍ୱଲ୍ୟମାନ ହୋଇ-ଆସୁଅଛି, ଆଉ ଅନ୍ଧକାର ତାହା ଗ୍ରହଣ କରି ନାହିଁ ।

୬ ଈଶ୍ୱରଙ୍କ ନିକଟରୁ ପ୍ରେରିତ ଜଣେ ବ୍ୟକ୍ତି ଉପସ୍ଥିତ ହେଲେ; ତାହାଙ୍କ ନାମ ଯୋହନ ।

୭ ସେ ଯେପରି ଜ୍ୟୋତିଃ ବିଷୟରେ ସାକ୍ଷ୍ୟ ଦିଅନ୍ତି, ପୁଣି ତାହାଙ୍କ ଦ୍ୱାରା ସମସ୍ତେ ବିଶ୍ୱାସ କରନ୍ତି, ଏଥିପାଇଁ ସେ ସାକ୍ଷ୍ୟ ଦେବା ନିମନ୍ତେ ଆସିଲେ ।

୮ ସେ ନିଜେ ସେହି ଜ୍ୟୋତିଃ ନ ଥିଲେ, କିନ୍ତୁ ଜ୍ୟୋତିଃ ବିଷୟରେ ସାକ୍ଷ୍ୟ ଦେବା ନିମନ୍ତେ ଆସିଲେ ।

୯ ଯେଉଁ ସତ୍ୟ ଜ୍ୟୋତିଃ ପ୍ରତ୍ୟେକ ମନୁଷ୍ୟକୁ ଆଲୋକ ପ୍ରଦାନ କରନ୍ତି, ସେ ଜଗତକୁ ଆସୁଥିଲେ ।

୧୦ ସେ ଜଗତରେ ଥିଲେ ଓ ଜଗତ ତାହାଙ୍କ ଦ୍ୱାରା ସୃଷ୍ଟ ହେଲା, ତଥାପି ଜଗତ ତାହାଙ୍କୁ ଚିହ୍ନିଲା ନାହିଁ ।

# ଆପଣଙ୍କୁ ଆଲୋକ ପ୍ରକାଶ କରିବା ପାଇଁ ଆହ୍ୱାନ କରାଯାଉଛି !

## YOU ARE CALLED TO SHINE!

ଭଉଣୀ ଏଞ୍ଜେଲିନ୍



ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କର ବହୁମୂଲ୍ୟ ନାମରେ ମୋର ପ୍ରିୟ ''ଆହ୍ୱାନର ପ୍ରତିଧ୍ୱନି'' ସଂପ୍ରସାରିତ ପରିବାରକୁ ଅଭିବାଦନ ।

ଭାରତରେ, ଦୀପାବଳିର ମାସଟି ଗୋଟିଏ ଅତି ସ୍ୱତନ୍ତ୍ର ସମୟ ଅଟେ । ସମସ୍ତ ଦେଶରେ ଓ ସମସ୍ତ ପୃଥିବୀରେ, ଲକ୍ଷ ଲକ୍ଷ ଲୋକ ଏହି ଆଲୋକର ପର୍ବକୁ ପାଳନ କରନ୍ତି । ଏହି ପର୍ବ ପାରଂପାରିକ ଭାବରେ ଅନ୍ଧକାର ଉପରେ ଆଲୋକର ବିଜୟ ସହିତ ସଂପୃକ୍ତ ଅଟେ ।

ଯେତେବେଳେ ମଧ୍ୟ, ମୁଁ ସମସ୍ତ ବିଶ୍ୱରେ ଭାରତୀୟମାନଙ୍କୁ ଦୀପାବଳି ପାଳନ କରୁଥିବାର ଦେଖେ, ସେତେବେଳେ ମୁଁ ବହୁଗୁଣରେ ଅଧିକ ଶ୍ରେଷ୍ଠତର ଏକ ଆଲୋକ – ଜଗତର ଆଲୋକ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ନ ଭାବି ରହିପାରେ ନାହିଁ । ସେ ଆମର ବସ୍ତି ଉଜ୍ଜ୍ୱଳ କରିବା ପାଇଁ, ଆଶାହୀନମାନଙ୍କଠାରେ ଆଶା ଜାଗ୍ରତ କରିବା ପାଇଁ ଓ ଆମକୁ ଅନ୍ଧକାର ମଧ୍ୟରୁ ତାଙ୍କର ଆଶ୍ଚର୍ଯ୍ୟଜନକ ଆଲୋକ ମଧ୍ୟକୁ ଆଣିବା ପାଇଁ ଆମର ଅନ୍ଧକାର ମଧ୍ୟକୁ ଓହ୍ଲାଇ ଆସିଥିଲେ ।

### ଯେତେବେଳେ ଖ୍ରୀଷ୍ଟଙ୍କର ଆଲୋକ ଅନ୍ଧକାର ମଧ୍ୟରେ ପ୍ରବେଶ କରେ ।

ସୃଷ୍ଟି ସମୟରେ, ଈଶ୍ୱରଙ୍କର ସର୍ବପ୍ରଥମ ବାକ୍ୟ ଥିଲା : ... 'ଦୀପ୍ତି ହେଉ' ... (ଆଦି ୧:୩) ।

ଆଦିପୁସ୍ତକ ୧:୧ –୪ ଏପରି ଏକ ଜଗତର ଉପସ୍ଥାପନା କରିଛି ଯାହା ଆକାରହୀନ ଓ ଶୂନ୍ୟ ଥିଲା ଓ ଅନ୍ଧକାରରେ ଆଚ୍ଛନ୍ନ ଥିଲା । ମାତ୍ର ଅନ୍ଧକାର ସେହି କାହାଣୀର ଶେଷ କଥା ନ ଥିଲା । ଈଶ୍ୱର ଆଜ୍ଞା କରିବା ମାତ୍ରେ, ଅନ୍ଧକାରକୁ ଚିରି ଆଲୋକ ପ୍ରକାଶ ପାଇଥିଲା ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

ଆହ୍ୱାନର ପ୍ରତିଧ୍ୱନି
ଖ୍ରୀଷ୍ଟିଆନ ୟୁ-ଟ୍ୟୁବ୍ ଚ୍ୟାନେଲ !



ପାଳକ ଏସ୍. ସାମ୍. ସେଲଭାରାଜଙ୍କ
ପ୍ରତିଦିନ ୨ ମିନିଟ୍‌ର ବାର୍ତ୍ତା
ଇଂରାଜୀ, ହିନ୍ଦୀ ଭାଷା – ସକାଳ ୧.୦୦ ଘଣ୍ଟିକା,
ତାମିଲ ଏବଂ ତେଲୁଗୁ ଭାଷା – ସକାଳ ୨.୦୦ ଘଣ୍ଟିକା
ଓ
ତାମିଲ, ଇଂରାଜୀ ବାର୍ତ୍ତା ଓ ପ୍ରାର୍ଥନା
ରବିବାର ଉପାସନା – ସକାଳ ୮.୩୦ ଏବଂ ସନ୍ଧ୍ୟା ୬.୦୦ ରେ
ଯଦି ଆପଣ ଆଶୀର୍ବାଦ ପାଉଛନ୍ତି, ତେବେ ଦୟାକରି ଏହାର ସଭ୍ୟ ହୁଅନ୍ତୁ ।
ଆପଣ ଯେଉଁମାନଙ୍କୁ ପ୍ରେମ କରନ୍ତି, ସେମାନଙ୍କୁ ଏ ବିଷୟରେ ଜଣାନ୍ତୁ ।

# ECHO OF HIS CALL - (Marching towards 60th year)

Estd. 1969



## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



Founders

### ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Dr. Angeline S. Kumari, M.A., M.Sc., M.Ed.
CONTRIBUTING EDITOR
Sis. Andrea Christmas Henry
EX MANAGING EDITOR
Pastor Alex Samson Sam, B.Th., M.Div.
EX ADMINISTRATOR
Sis. Jesy Veena Sam
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Sis. Sajini Cherian
Rev. Dr. J. John Rajarathnam, B.ES., B.D., M.Th.
Rev. Dr. K.R. Rajasekaran
Adv. N. Balaji, B.Com., M.L.
EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293
Cell : (+91) 98410 71852, 98412 71858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

"ଏ ନିମନ୍ତେ ଦେଖ, ଆମ୍ଭେ ସେମାନଙ୍କୁ ଜ୍ଞାତ କରାଇବା, ଆମ୍ଭେ ଏହି ଏକଥର ସେମାନଙ୍କୁ ଆମ୍ଭର ହସ୍ତ ଓ ଆମ୍ଭର ପରାକ୍ରମ ଜ୍ଞାତ କରାଇବା, ତହିଁରେ ଆମ୍ଭର ନାମ ଯେ ସଦାପ୍ରଭୁ, ଏହା ସେମାନେ ଜାଣିବେ" (ଯିରିମିୟ ୧୬:୨୧) ।

ପ୍ରଭୁରେ ପ୍ରିୟ ବନ୍ଧୁମାନେ,

ଆମର ଯେଉଁ ପ୍ରିୟ ଭାଇ ଓ ଭଉଣୀମାନଙ୍କୁ ଈଶ୍ୱର ଆହ୍ୱାନ କରିଛନ୍ତି ଓ ଯେଉଁମାନେ ପୃଥିବୀର ବିଭିନ୍ନ ଅଞ୍ଚଳରେ ବାସ କରୁଛନ୍ତି, ସେମାନଙ୍କ ବିଷୟରେ ଭାବିଲେ ଆମକୁ କେତେ ଖୁସି ମିଳେ । ଆମେ ସେମାନଙ୍କୁ ହାର୍ଦ୍ଦିକ ଅଭିବାଦନ ଜଣାଉଅଛୁ ।

ଆମେ ଦୂରତା, ଭାଷା, କିମ୍ବା ପରିବେଶ ସମୁଦାୟ ପ୍ରତିବନ୍ଧକ ସତ୍ତ୍ୱେ, ଆମେ ପ୍ରଭୁଙ୍କଠାରେ ଏକତ୍ରିତ ହେବାର ସୌଭାଗ୍ୟ ପାଇଥିବାରୁ, ଗଭୀରଭାବେ କୃତଜ୍ଞ ଅଟୁ ।

### ଏକ ବିନମ୍ର ଆରମ୍ଭ

ହଁ, ଏହି ସମସ୍ତ ୧୯୬୯ ଅଗଷ୍ଟ ୧୦ରେ ଅତି ଛୋଟ ଆକାରରେ ଆରମ୍ଭ ହୋଇଥିଲା ଓ ଏକ ଛୋଟଗ୍ରାମ ନେଲ୍ଲୁରାଇ କୋଲମ୍ ଘିଭ ନେଫୁରର ସି.ଏମ୍.ଆଇ ମଣ୍ଡଳୀରେ 'ଗୁଡ୍ ନ୍ୟୁଜ ପ୍ରେୟର ବ୍ୟାଣ୍ଡ' (ସୁସମ୍ବାଦ ପ୍ରାର୍ଥନା ଦଳ) ନାମରେ "ଆହ୍ୱାନର ପ୍ରତିଧ୍ୱନି" ଜନ୍ମ ହୋଇଥିଲା । ଏହା ଅଳ୍ପ କେତେକ ଯୁବକ ଯୁବତୀଙ୍କୁ ନେଇ ଆରମ୍ଭ ହୋଇଥିଲା ଯେଉଁମାନେ ଏପରି କେତେକ ଲୋକଙ୍କ ପାଇଁ ଏକ ବାସ୍ତବ ବୋଝ ଓ ଦର୍ଶନ ପାଇଥିଲେ ଯେଉଁମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବିନା ନଷ୍ଟ ହୋଇ ଯାଉଥିଲେ ଓ ତାଙ୍କଠାରୁ ବିଚ୍ଛିନ୍ନ ହୋଇଥିବାରୁ ଅନନ୍ତ ବିନାଶ ଦିଗକୁ ଅଗ୍ରସର ହେଉଥିଲେ ।



ମୁଁ ଯୁବକ ଥିବା ସମୟରେ ଏହା ଘଟିଥିଲା । ଈଶ୍ୱର ସେହି ଯୁବାମାନଙ୍କର ବାଧ୍ୟତା ଓ ବଶ୍ୟତାକୁ ପ୍ରକୃତରେ ସମ୍ମାନ ଦେଖାଇଛନ୍ତି ଯେଉଁମାନେ ସେହି କାଲଭରୀର ଆହ୍ୱାନର ପ୍ରତ୍ୟୁତ୍ତର ଦେଇଥିଲେ ଯେଉଁଠାରେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ନିଜର ବହୁମୂଲ୍ୟ ରକ୍ତପାତ କରି ଆମ ନିମନ୍ତେ ନିଜର ଜୀବନ ଉତ୍ସର୍ଗ କରିଥିଲେ ।

ବର୍ଷ ପରେ ବର୍ଷ ବିତିଯିବା ସମୟରେ, ସେହି ଛୋଟ ଆରମ୍ଭ 'ଆହ୍ୱାନର ପ୍ରତିଧ୍ୱନି' ଭାବରେ ପ୍ରସ୍ଫୁଟିତ ହୋଇଥିଲା । ଆମେ ବିଶ୍ୱାସ କରୁ ଯେ ଏହି ନାମ ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିଲା । ପ୍ରଭୁ ଭାରତ, ଶ୍ରୀଲଙ୍କା, ମାଲେସିଆ, ସିଙ୍ଗାପୁର, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ସ୍କଟଲ୍ୟାଣ୍ଡ, ଲଣ୍ଡନ, ଯୁକ୍ତରାଜ୍ୟ (ବ୍ରିଟେନ)ର ଅନ୍ୟାନ୍ୟ ଅଞ୍ଚଳ ଓ ଏହାର ବାହାରେ ଥିବା ଦେଶଗୁଡ଼ିକରେ ଏହି ସେବାକାର୍ଯ୍ୟର ଶାଖାଗୁଡ଼ିକୁ ସଂପ୍ରସାରିତ କରିବା ପାଇଁ ଆମକୁ ଅନୁଗ୍ରହ ଓ ସାମର୍ଥ୍ୟ ପ୍ରଦାନ କରିଥିଲେ ।

ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ପ୍ରକୃତରେ ମହାନ୍ ଅଟନ୍ତି ।

ପ୍ରଭୁ କେବଳ ଆମର ଶାଖା ପ୍ରଶାଖାଗୁଡ଼ିକୁ ସଂପ୍ରସାରିତ ହେବାରେ ସାହାଯ୍ୟ କରିଥିଲେ, ତା' ନୁହେଁ, ସେ ଏହି ସେବାକାର୍ଯ୍ୟକୁ ବିଭିନ୍ନ ସେବା ମାଧ୍ୟମରେ ହଜାର ହଜାର ଲୋକଙ୍କ ପ୍ରତି ଆଶୀର୍ବାଦର ଏକ ଉତ୍ସ ମଧ୍ୟ କରିଥିଲେ, ଯଥା -

- ୧୬ଟି ଭାଷାରେ ପ୍ରକାଶିତ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ।
- ୩ଟି ଭାଷାରେ ନିହିମିୟା ବାଇବଲ କଲେଜ ।
- ସେଣ୍ଟ ପଲସ୍ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
- ଥିଓଲୋଜିକାଲ୍ କରେସ ପଣ୍ଡେସ ପାଠ୍ୟକ୍ରମ (୨ଟି ଭାଷାରେ)
- ବାଇବଲ କୋର (୩ଟି ଭାଷାରେ ମୌଳିକ ବାଇବଲ ପାଠ୍ୟକ୍ରମ)
- ବହୁ ଭାଷା ବିଶିଷ୍ଟ ମିଶନ ମଣ୍ଡଳୀଗୁଡ଼ିକ ।
- ସୁସମାଚାର ଛାପାକଳ
- ପ୍ରଶିକ୍ଷଣ କାର୍ଯ୍ୟକ୍ରମ
- ସମାଜ ସେବା

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

* ଈଶ୍ୱରଙ୍କ ରାଜ୍ୟର ଅଗ୍ରଗତି ନିମନ୍ତେ ଗ୍ରହଣ କରାଯାଇଥିବା ଅନ୍ୟ ଅନେକ ସେବାକାର୍ଯ୍ୟ ।

## ମୃତପ୍ରାୟ ଅବସ୍ଥାରେ ପରିତ୍ୟକ୍ତ ହୋଇଥିବା ଜଣେ ଲୋକ ।



ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଏପରି ଜଣେ ବ୍ୟକ୍ତିଙ୍କ ବିଷୟରେ କହିଥିଲେ, ଯିଏ ଯିରୂଶାଲମରୁ ଯିରୀହୋକୁ ଯାତ୍ରା କରୁଥିଲେ ଓ ପଥ ମଧ୍ୟରେ ଚୋରମାନଙ୍କ ହାବୁଡରେ ପଡିଥିଲେ, ସେ ପ୍ରହାରିତ, ଯନ୍ତ୍ରଣା ହୋଇ ମୃତ ପ୍ରାୟ ଅବସ୍ଥାରେ ରାସ୍ତା କଡରେ ପଡି ରହିଥିଲେ । କାହାଣୀଟି ଏଠାରେ ଶେଷ ହୋଇ ନ ଥିଲା । ଉତ୍ତମ ଶମିରୋଣୀୟ ତାଙ୍କୁ ଦେଖିଥିଲେ, ତାଙ୍କ ପ୍ରତି ଦୟା କରି ତାଙ୍କ ନିକଟକୁ ଆସିଥିଲେ, ତାଙ୍କର କ୍ଷତ ବାନ୍ଧିଥିଲେ ଓ ତାଙ୍କର ସେବା ଶୁଶ୍ରୂଷା କରିଥିଲେ ।

ଠିକ୍ ସେହିପରି ଭାବରେ, ପ୍ରଭୁ ଆତ୍ମିକ ଭାବେ ଯନ୍ତ୍ରଣା, ଭଗ୍ନ, ଅବହେଳିତ ଓ ଆଶାହୀନ ଲୋକମାନଙ୍କ ନିକଟରେ ପହଞ୍ଚିବା ପାଇଁ ଆମକୁ ଦାୟିତ୍ୱ ଦେଇଅଛନ୍ତି ।

## ବୋଝ ଓ ଯୁଦ୍ଧ

ଏହି ସ୍ଥାନରେ, ଆପଣମାନଙ୍କ ଉପରେ ନ୍ୟସ୍ତ କରାଯାଇଥିବା ବୋଝ ଓ ପ୍ରଶାସନିକ ଦାୟିତ୍ୱର ପରିମାଣକୁ ଆପଣମାନେ ବୁଝନ୍ତୁ ବୋଲି ଆମେ ଇଚ୍ଛା କରୁଅଛୁ ।

ଅନେକ ଥର, ଆମେ ବାସ୍ତବରେ ଆମ ଉପରେ ଈଶ୍ୱର ନ୍ୟସ୍ତ କରିଥିବା ସମସ୍ତ ଦାୟିତ୍ୱର ଭାରକୁ ଅନୁଭବ କରୁ । ମାତ୍ର ପ୍ରତ୍ୟେକ ସମୟରେ, ଆମେ ସମ୍ମୁଖୀନ ହେଉଥିବା ବିଭିନ୍ନ କଷ୍ଟକର ପରିସ୍ଥିତି ମଧ୍ୟ ଦେଇ, ସେ ଆମକୁ ବଞ୍ଚାଇ ରଖନ୍ତି, ଆମକୁ ଶକ୍ତିଯୁକ୍ତ କରନ୍ତି ଓ ଆମ ସହିତ ଗମନାଗମନ କରନ୍ତି ।

ଆମେ ନିର୍ଦ୍ଦିଷ୍ଟ ଭାବରେ, ସୁସମାଚାରକୁ ବିରୋଧ କରାଯାଉଥିବା ସ୍ଥାନ ଗୁଡିକରେ ପ୍ରଚାର ଓ ସେବାକାର୍ଯ୍ୟ କରୁଥିବା ସମୟରେ, ଶତ୍ରୁଠାରୁ ଆହ୍ୱାନର ସମ୍ମୁଖୀନ ହେଉ । ଆମେ ଅସୁସ୍ଥତା, ଅର୍ଥନୈତିକ ଚାପ, ନୈରାଶ୍ୟ, ଅସୁରକ୍ଷା ଓ ସତ୍ୟକୁ ବିରୋଧ କରୁଥିବା ଲୋକମାନଙ୍କଠାରୁ ନାନାପ୍ରକାର ଅସୁବିଧାର ଅନୁଭୂତି ପାଉ । ବେଳେ ବେଳେ, ଯାତ୍ରା ଅତି ଭାରାକ୍ରାନ୍ତ ମନେହୁଏ ।

ମାତ୍ର ଏହି ସମସ୍ତ ପରିସ୍ଥିତିର ଉର୍ଦ୍ଧ୍ୱରେ, ଆମେ ଆମ ବିଶ୍ୱାସରେ ଦୃଢ଼ ଭାବରେ ଠିଆ ହେଉ ଓ ଏହା ଘୋଷଣା କରୁ ଯେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମକୁ ସାନ୍ତ୍ୱନା, ଶକ୍ତି, ସୁରକ୍ଷା ଓ ନେତୃତ୍ୱ ଦେବା ପାଇଁ ପ୍ରତ୍ୟେକ ପରିସ୍ଥିତିରେ ଆମ ସହିତ ଅଛନ୍ତି ।

ଆମେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ବହୁମୂଲ୍ୟ ରକ୍ତ ମାଧ୍ୟମରେ ଓ ଈଶ୍ୱର ଆମକୁ ପ୍ରଦାନ କରିଥିବା ସାକ୍ଷ୍ୟ ମାଧ୍ୟମରେ, ଶତ୍ରୁ ଉପରେ ବିଜୟ ପାଉଛୁ ।

''ଆଉ ସେମାନେ ମେଷଶାବକଙ୍କ ରକ୍ତ ଓ ଆପଣା ଆପଣା ସାକ୍ଷ୍ୟର ବାକ୍ୟ ଦ୍ୱାରା ତାହାକୁ ଜୟ କରିଅଛନ୍ତି, ପୁଣି ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଆପଣା ଆପଣା ପ୍ରାଣକୁ ପ୍ରିୟ ଜ୍ଞାନ କରି ନ ଥିଲେ'' (ପ୍ରକାଶିତ ୧୨:୧୧) ।

ସେବାକାର୍ଯ୍ୟ ହୁଏତ ଅନେକ ଯୁଦ୍ଧର ସମ୍ମୁଖୀନ ହୋଇପାରେ, ମାତ୍ର ଆମର ବିଶ୍ୱାସ ପ୍ରଭୁଙ୍କଠାରେ ରହିଛି । ଯିଏ ଆମକୁ ଆହ୍ୱାନ କରିଛନ୍ତି, ସେ ବିଶ୍ୱସ୍ତ ଅଟନ୍ତି ଓ ସେ ତାଙ୍କର ଉଦ୍ଦେଶ୍ୟ ଅନୁସାରେ ଆମକୁ ଅଗ୍ରସର କରାଇବେ ବୋଲି ଆମେ ବିଶ୍ୱାସ କରୁ ।

ଆମେ ଆପଣମାନଙ୍କର ମିଳିତ ସହଯୋଗ ଆବଶ୍ୟକ କରୁ ।

ଶେଷରେ ଆମ ପ୍ରତି ପ୍ରଦତ୍ତ ଦର୍ଶନକୁ ପରବର୍ତ୍ତୀ ସ୍ତରକୁ ନେଇଯିବା ପାଇଁ ଚେଷ୍ଟା କରୁଥିବା ସମୟରେ, ଆମେ ଆନ୍ତରିକ ଭାବରେ ଆପଣମାନଙ୍କର ସହଯୋଗ ଚାହୁଁଛୁ ।

ପ୍ରକୃତରେ, ଆମେ ବିଫଳତା, ବିପଦ, ଅର୍ଥନୈତିକ ଆବଶ୍ୟକତା, ଅନିଶ୍ଚିତତା ଓ ଅନ୍ୟ ଅନେକ ଅସୁବିଧା ଗୁଡିକର ସମ୍ମୁଖୀନ ହେଉ । ସେଥିପାଇଁ, ଆମେ ଈଶ୍ୱରଙ୍କର ଏପରି ଲୋକମାନଙ୍କୁ ଆବଶ୍ୟକ କରୁ, ଯେଉଁମାନେ ଏହି ଶ୍ରେଷ୍ଠ ରାଜ୍ୟ ସମ୍ବନ୍ଧୀୟ ଅଭିଯାନରେ ଆମ ସହିତ ପ୍ରାର୍ଥନାରେ ଓ ଅର୍ଥ ସହାୟତାରେ ଦଣ୍ଡାୟମାନ ହେବେ ।

ଆପଣମାନେ କ'ଣ ଆମ ନିମନ୍ତେ ପ୍ରାର୍ଥନା କରିବେ ଓ ପ୍ରଭୁ ଯୀଶୁ ଆପଣମାନଙ୍କୁ ଯେପରି ସାନ୍ତ୍ୱନା ଦିଅନ୍ତି, ସେହିପରି ଆପଣମାନଙ୍କର ସାହାଯ୍ୟର ହସ୍ତ ବଢ଼ାଇବେ ?

ଆପଣମାନଙ୍କର ପ୍ରାର୍ଥନା, ଉତ୍ସାହ, ସହଭାଗିତା ଓ ସହାୟତା ଆମ ପାଇଁ ଗଭୀରଭାବେ ମୂଲ୍ୟବାନ ଅଟେ । ଆସନ୍ତୁ, ଏକତ୍ରିତ ଭାବରେ ସେହି ଲୋକମାନଙ୍କ ନିକଟକୁ ସୁସମାଚାର ବୋହି ନେବା ଯେଉଁମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ତ୍ରାଣଦାୟକ ବାର୍ତ୍ତାକୁ ଶୁଣିବା ଆବଶ୍ୟକ କରନ୍ତି । ଈଶ୍ୱର ଆପଣମାନଙ୍କୁ ପ୍ରଚୁର ଭାବେ ଆଶୀର୍ବାଦ କରନ୍ତୁ ।

ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ଭାଇ,

ପାଳକ ଏସ୍.ସାମ୍.ସେଲ୍ଭାରାଜ
E.mail : sam@echoofhiscall.org

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

''ଅନନ୍ତର ପରମେଶ୍ୱର କହିଲେ, ଦୀପ୍ତି ହେଉ, ତହିଁରେ ଦୀପ୍ତି ହେଲା'' (ଆଦି ୧:୩) ।

ଆମ ଜୀବନରେ ଈଶ୍ୱରଙ୍କ କାର୍ଯ୍ୟରେ କିପରି ଏକ ଶକ୍ତିପୂର୍ଣ୍ଣ ଚିତ୍ର ଅଟେ ।

ପ୍ରଭୁ ଯୀଶୁ ଖ୍ରୀଷ୍ଟ ବିଶୃଙ୍ଖଳା, ଦ୍ୱନ୍ଦ୍ୱ, ପାପ ଓ ଦଣ୍ଡାଜ୍ଞାରେ ପରିପୂର୍ଣ୍ଣ ଏକ ଜଗତ ମଧ୍ୟକୁ ଆସିଥିଲେ । ନିଜର ମୃତ୍ୟୁ ଓ ପୁନରୁତ୍ଥାନ ମାଧ୍ୟମରେ, ସେ ମନୁଷ୍ୟ ଜାତି ନିକଟକୁ ନୂତନ ଜୀବନ, ଆଶା, ମୁକ୍ତି ଓ ପରିତ୍ରାଣ ଆଣିଥିଲେ ।

ଯେଉଁଠାରେ ଅନ୍ଧକାର ରହିଥିଲା, ସେଠାରେ ଈଶ୍ୱର ଆଲୋକ ଆସିବା ପାଇଁ ଆଜ୍ଞା ଦେଇଥିଲେ । ସେହିପରି ଭାବରେ, ଯେତେବେଳେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମ ଜୀବନ ମଧ୍ୟକୁ ତାଙ୍କର ଆଲୋକ ଆସିବା ପାଇଁ ଆଜ୍ଞା





ଆମର ଠିକଣା :

## ଅତି ଜରୁରୀ ବିଜ୍ଞାପନ

ନିକଟ ଭବିଷ୍ୟତ୍‌ରେ ''ଆହ୍ୱାନର ପ୍ରତିଧ୍ୱନି''କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ-ମେଲ ଓ ହ୍ୱାଟସ୍‌ଆପ୍ ନମ୍ବର, ପତ୍ର, ଇ-ମେଲ, ଫୋନ୍ କିମ୍ବା ଏସ୍‌ଏମ୍‌ଏସ୍/ ହ୍ୱାଟସ୍‌ଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ECHO OF HIS CALL,
10, Mohammed Abdullah 2nd Street, Chepauk, Chennai-600 005, India
Cell: (+91) 98412 71858 / 98410 71858 E.mail: sam@echoofhiscall.org

କରନ୍ତି, ସେତେବେଳେ ଅନ୍ଧକାର ଦୂରେଇ ଯାଏ । ଅନ୍ଧକାର ଶେଷ ବିଷୟ ନୁହେଁ ।

ଆମ ପରିବାରଗୁଡ଼ିକ ପାଇଁ ଆଶା ଅଛି ।

ଆମ ପିଲାମାନଙ୍କ ପାଇଁ ଆଶା ଅଛି ।

ଆମର ବିବାହ ପାଇଁ ଆଶା ଅଛି ।

ଆମର ସେବାକାର୍ଯ୍ୟ ପାଇଁ ଆଶା ଅଛି ।

ଆମର ଭବିଷ୍ୟତ୍ ପାଇଁ ଆଶା ଅଛି ।

ଆମର ପରିବେଶ ଯେତେ ଅନ୍ଧକାରପୂର୍ଣ୍ଣ ହେଲେ ମଧ୍ୟ, ଈଶ୍ୱରଙ୍କର ପଦେ ଆଜ୍ଞା ପ୍ରତ୍ୟେକ ବିଷୟକୁ ପରିବର୍ତ୍ତନ କରି ଦେଇପାରିବ ।

## ଈଶ୍ୱର ଆଲୋକ ଅଟନ୍ତି – ପୁଣି ଆମକୁ ଆଲୋକ ପ୍ରକାଶ କରିବା ପାଇଁ ଆହ୍ୱାନ କରାଯାଇଛି ।

*ଯୋହନ ୧:୧–୫ ଆମକୁ ଆଦ୍ୟ ସମୟ ନିକଟକୁ ଫେରାଇ ନେଇଛି ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଅନନ୍ତକାଳୀନ ପରିଚୟକୁ ପ୍ରକାଶ କରିଛି :*

"ତାହାଙ୍କଠାରେ ଜୀବନ ଥିଲା ଓ ସେହି ଜୀବନ ମନୁଷ୍ୟମାନଙ୍କର ଜ୍ୟୋତିଃ । ସେହି ଜ୍ୟୋତିଃ ଅନ୍ଧକାରରେ ଜାଜ୍ୱଲ୍ୟମାନ ହୋଇ ଆସୁଅଛି, ଆଉ ଅନ୍ଧକାର ତାହା ଗ୍ରହଣ କରି ନାହିଁ" (୧ ଯୋହନ ୧:୪–୫) ।

*ପ୍ରେରିତ ଯୋହନ ଘୋଷଣା କରିଛନ୍ତି :*

ଈଶ୍ୱର ଜ୍ୟୋତିଃସ୍ୱରୂପ, ଆଉ ତାହାଙ୍କଠାରେ ଅନ୍ଧକାରର ଲେଶ ନାହିଁ" (୧ ଯୋହନ ୧:୫) ।

ମାତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଅନୁଗାମୀ ହେବା ବିଷୟରେ କିଛି ଅସାଧାରଣ ବିଷୟ ଅଛି ।

*ପ୍ରଭୁ ଯୀଶୁ ଖ୍ରୀଷ୍ଟ ନିଜେ କହିଥିଲେ :*

"ତୁମ୍ଭେମାନେ ଜଗତର ଜ୍ୟୋତିଃ..." (ମାଥିଉ ୫:୧୪) ।

ଗୋଟିଏ ମୁହୂର୍ତ୍ତ ପାଇଁ ଅଟକି ଯାଇ ସେହି ବିଷୟରେ ଚିନ୍ତା କରନ୍ତୁ ।

ଈଶ୍ୱର ଆଲୋକ ଅଟନ୍ତି ।

ପ୍ରଭୁ ଯୀଶୁ ଖ୍ରୀଷ୍ଟ ଜଗତର ଜ୍ୟୋତିଃ ଅଟନ୍ତି । ପୁଣି ସେ ଏହି ଜଗତରେ ତାଙ୍କର ଆଲୋକକୁ ପ୍ରକାଶ କରିବା ପାଇଁ ଆମକୁ ଆହ୍ୱାନ କରିଛନ୍ତି ।

କିପରି ଏକ ଅବିଶ୍ୱସନୀୟ ସୌଭାଗ୍ୟ । ଆମେ ନିଜେ ଆଲୋକର ଉତ୍ସ ନୋହୁଁ, ଆମକୁ ତାଙ୍କର ଆଲୋକକୁ ପ୍ରତିଫଳିତ କରିବା ପାଇଁ ଆହ୍ୱାନ କରାଯାଇଛି । ଆଲୋକ ଆମଠାରୁ ଉତ୍ପନ୍ନ ହୋଇ ନାହିଁ । ଏହା ପ୍ରଭୁ ଯୀଶୁଙ୍କଠାରୁ ଆସେ ଓ ସମର୍ପିତ ଜୀବନ ମାଧ୍ୟମରେ ଏହାକୁ ପ୍ରକାଶ କରେ ।

ଈଶ୍ୱର ସାଧାରଣ ଲୋକମାନଙ୍କୁ ଏପରି ପାତ୍ର ଭାବରେ ବ୍ୟବହାର କରିବା ପାଇଁ ମନୋନୀତ କରିଛନ୍ତି ସେମାନଙ୍କ ମାଧ୍ୟମରେ ତାଙ୍କର ଅସାଧାରଣ ଆଲୋକ ଦୃଶ୍ୟମାନ ହୋଇପାରିବ । ଆମେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଆମଠାରେ ଓ ଆମ ମାଧ୍ୟମରେ କାର୍ଯ୍ୟ କରିବା ପାଇଁ ସୁଯୋଗ ଦେଲେ, ଅନ୍ୟମାନେ ଆମର ବାକ୍ୟ, ଆମର କାର୍ଯ୍ୟ, ଆମର ଚରିତ୍ର ଓ ଜୀବନ ପ୍ରତି ଆମେ ଯେଉଁ ମାର୍ଗରେ ପ୍ରତିକ୍ରିୟା ଦେଖାଉ, ସେହି ମାର୍ଗ ମାଧ୍ୟମରେ ତାଙ୍କର ଏକ ଝଲକ ଦେଖିପାରିବେ ।

ତେବେ ଏହି ଅନ୍ଧକାର ଜଗତରେ ତାଙ୍କ ଆଲୋକର ପ୍ରତିନିଧି ଭାବରେ, ଈଶ୍ୱର ଆମଠାରୁ କ'ଣ ଆଶା କରନ୍ତି ?

## ୧. ଅନ୍ଧକାର ମଧ୍ୟରେ ଆଲୋକ ପ୍ରକାଶିତ ହୋଇଛି

"ସେହି ଜ୍ୟୋତିଃ ଅନ୍ଧକାରରେ ଜାଜ୍ୱଲ୍ୟମାନ ହୋଇ ଆସୁଅଛି, ଆଉ ଅନ୍ଧକାର ତାହାକୁ ଗ୍ରହଣ (ପରାଜୟ) କରି ନାହିଁ" (ଯୋହନ ୧:୫) ।

ଆଲୋକର ପ୍ରଥମ ଓ ସ୍ପଷ୍ଟତମ ଗୁଣ ହେଉଛି : ଆଲୋକ ଉଜ୍ଜ୍ୱଳତା ପ୍ରକାଶ କରେ ।

ପୁଣି ଆଲୋକ କେଉଁଠାରେ ଅତି ସ୍ପଷ୍ଟଭାବରେ ଜାଜ୍ୱଲ୍ୟମାନ ହୁଏ ? ଅନ୍ଧକାରରେ ।

ଈଶ୍ୱର ଆମକୁ ଏପରି ସ୍ଥାନଗୁଡ଼ିକୁ ଯିବା ପାଇଁ ଆହ୍ୱାନ କରିନାହାନ୍ତି ଯେଉଁଠାରେ ସବୁ କିଛି ପୂର୍ବରୁ ଉଜ୍ଜ୍ୱଳ ଓ ସୁଖକର ଅଛି । ସେ ପ୍ରାୟତଃ, ଆମକୁ ଅନ୍ଧକାର ସ୍ଥାନଗୁଡ଼ିକୁ ପ୍ରେରଣ କରନ୍ତି ଯେପରିକି ତାଙ୍କର ଆଲୋକ ଆମ ମାଧ୍ୟମରେ ପ୍ରକାଶିତ ହୋଇପାରିବ ।

ବେଳେ ବେଳେ ଆମେ ତୀବ୍ର ଆଲୋକ ଇଚ୍ଛା କରୁ । ଆମେ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ପରିବେଶ, ଅନୁକୂଳ ପରିସ୍ଥିତି, ଶାନ୍ତିପୂର୍ଣ୍ଣ ସଂପର୍କ ଓ ସହଜ ସମୟ ପାଇଁ ଇଚ୍ଛା କରୁ ।

ମାତ୍ର ଯେଉଁ ସ୍ଥାନ ସର୍ବାଧିକ କଷ୍ଟକର ମନେହୁଏ, ତାହା ହୁଏତ ଅନ୍ଧକାର ଭିତରେ ଥାଇପାରେ – ତାହା ଏପରି ସ୍ଥାନ ଅଟେ ଯେଉଁଠାରେ ଈଶ୍ୱର ଅତି ଶକ୍ତିପୂର୍ଣ୍ଣ ଭାବରେ ଆମକୁ ବ୍ୟବହାର କରିବା ପାଇଁ ଇଚ୍ଛା କରନ୍ତି ।

ହୁଏତ ଈଶ୍ୱର ଆପଣଙ୍କୁ ଏକ କଷ୍ଟକର କାର୍ଯ୍ୟ ସ୍ଥଳରେ ରଖିଛନ୍ତି ।

ହୁଏତ ଆପଣ ଆପଣଙ୍କ ସେବାକାର୍ଯ୍ୟରେ ଏକ ଚାପଗ୍ରସ୍ତ ସମୟ ମଧ୍ୟ ଦେଇ ଯାଉଛନ୍ତି ।

ଆପଣ ହୁଏତ ଆପଣଙ୍କର ଭବିଷ୍ୟତ୍ ବିଷୟରେ ଅନିଶ୍ଚିତ ଅଟନ୍ତି ।

ଆପଣ ଅନ୍ଧକାରର ସ୍ଥାନକୁ ଘୃଣା କରନ୍ତୁ ନାହିଁ ।

ଏହା ହୁଏତ ସେହି ସ୍ଥାନ ହୋଇପାରେ, ଯେଉଁଠାରେ ଈଶ୍ୱର ଆପଣଙ୍କର ଆଲୋକକୁ ଅତି ଉଜ୍ଜ୍ୱଳଭାବେ ପ୍ରକାଶ କରିବାକୁ ଇଚ୍ଛା କରୁଥା'ନ୍ତି ।

ମୀଖା ୭:୮ରେ ଲେଖାଯାଇଛି,

"... ମୁଁ ଅନ୍ଧକାରରେ ବସିଲେ, ସଦାପ୍ରଭୁ ମୋହର ଦୀପ୍ତି ସ୍ୱରୂପ ହେବେ" ।

ଏପରି ସମୟ ଆସିପାରେ, ଯେତେବେଳେ ଆମକୁ ଅନ୍ଧକାରରେ ବସିବାକୁ ପଡ଼ିପାରେ, ମାତ୍ର ସେଠାରେ ମଧ୍ୟ, ଈଶ୍ୱର ଆମର ଆଲୋକ ହୋଇ ରହନ୍ତି ।

*ଗୀତସଂହିତା ୧୮:୨୮ରେ ଏହି ଘୋଷଣା ଅଛି :*

"ଯେଣୁ ତୁମ୍ଭେ ମୋ' ପ୍ରଦୀପ ଜ୍ୱଳାଇବ, ସଦାପ୍ରଭୁ ମୋ' ପରମେଶ୍ୱର ମୋ' ଅନ୍ଧକାରକୁ ଆଲୁଅମୟ କରିବେ ।"

*ପୁଣି ଗୀତସଂହିତା ୨୩:୪ ଆମକୁ ସ୍ମରଣ କରାଇ ଦେଉଛି :*

"ଏଣୁ ମୁଁ ମୃତ୍ୟୁଚ୍ଛାୟାରୂପ ଉପତ୍ୟକା ଦେଇ ଗମନ କଲେ ହେଁ କୌଣସି ଆପଦକୁ ଭୟ କରିବି ନାହିଁ, କାରଣ ତୁମ୍ଭେ ମୋହର ସହବର୍ତ୍ତୀ... ।"

ମୋର ପ୍ରିୟ ଭାଇ ଓ ଭଉଣୀ, ଯଦି ଆଜି ଆପଣ ନିଜକୁ ଅନ୍ଧକାର ଦ୍ୱାରା ପରିବେଷ୍ଟିତ ହେବାର ଦେଖୁନ୍ତି, ତେବେ ନିରାଶ ହୁଅନ୍ତୁ ନାହିଁ । ଈଶ୍ୱର ଆପଣଙ୍କର ସହବର୍ତ୍ତୀ ଅଟନ୍ତି ।

ଆପଣ ହୁଏତ ଉପତ୍ୟକା ମଧ୍ୟ ଦେଇ ଯାଉଛନ୍ତି, ମାତ୍ର ଆପଣ ଏକାକୀ ଏହା ମଧ୍ୟ ଦେଇ ଯାଉ ନାହାନ୍ତି ।

ପୁଣି ଏହା ମନେରଖନ୍ତୁ : ଆମେ ନିଜେ ଅନ୍ଧକାର ହେବା ଦ୍ୱାରା ଅନ୍ଧକାରକୁ ପରାସ୍ତ କରି ପାରିବା ନାହିଁ ।

ଯେତେବେଳେ ଗୋଟିଏ ଅନ୍ଧକାର କୋଠରୀ ମଧ୍ୟରେ ଆଲୋକ ପ୍ରଜ୍ୱଳନ କରାଯାଏ, ସେତେବେଳେ ଅନ୍ଧକାର ଦୂର ହୋଇଯାଏ । ଏହା କେବଳ ଆଲୋକର ଉପସ୍ଥିତିରେ ଅନ୍ତର୍ଦ୍ଧାନ ହୋଇଯାଏ ।

ଆଲୋକ ପାଇଁ ଅନ୍ଧକାରକୁ ପଥ ଛାଡ଼ି ଦେବାକୁ ହୁଏ ।

ସେଥିପାଇଁ ଆଲୋକ ପ୍ରକାଶ କରି ଚାଲନ୍ତୁ ।

## ୨. ଅନ୍ଧକାର ଆଲୋକକୁ ପରାସ୍ତ କରିପାରେ ନାହିଁ ।

ଅନ୍ଧକାର ଶକ୍ତିଶାଳୀ ଦିଶିପାରେ । ଏହା ବିପଜ୍ଜନକ ଦିଶିପାରେ । ଏହା ଭବିଷ୍ୟତ୍‌କୁ ଅନିଶ୍ଚିତ କରି, ଆମ ମଧ୍ୟରେ ଭୟ ସୃଷ୍ଟି କରିପାରେ ।

ମାତ୍ର ଅନ୍ଧକାରର ଏକ ସୀମା ଅଛି । ଏହା ଆଲୋକକୁ ପରାସ୍ତ କରିପାରେ ନାହିଁ ।

*ଯୋହନ ୧:୫ ଘୋଷଣା କରିଛି :*

"ସେହି ଜ୍ୟୋତିଃ ଅନ୍ଧକାରରେ ଜାଜ୍ୱଲ୍ୟମାନ ହୋଇ ଆସୁଅଛି, ଆଉ ଅନ୍ଧକାର ତାହା ଗ୍ରହଣ (ପରାଜୟ) କରି ନାହିଁ ।"

ଗୋଟିଏ କୋଠରୀ ଯେତେ ଅନ୍ଧକାର ହେଲେ ମଧ୍ୟ, ସେଠାରେ ଆଲୋକ ପ୍ରବେଶ କରିବା ମାତ୍ରେ ଅନ୍ଧକାର ନିଜର କର୍ତ୍ତୃତ୍ୱ ହରାଇ ଦିଏ ।

ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମକୁ ଜଗତର ଆଲୋକ ସ୍ୱରୂପ ହେବା ପାଇଁ ଆହ୍ୱାନ କରିଛନ୍ତି । ମାତ୍ର ଆମ ଜୀବନରେ ଏପରି ସମୟ ଆସିପାରେ, ଯେତେବେଳେ ପରିବେଶ

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)

GREAT COMMISSION PARTNERS

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୬ ଅକ୍ଟୋବର ୧୯ ରୁ ନଭେମ୍ବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ଅକ୍ଟୋବର ୧୯ ⇨ ୨୦୨୬ ଅଗଷ୍ଟ ୧୦ରେ, ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ'' ଏହାର ୫୮ତମ ବର୍ଷରେ ପଦାର୍ପଣ କରି ପାରିଥିବାରୁ ।

ଅକ୍ଟୋବର ୨୦ ⇨ ୫୮-ତମ ବର୍ଷରେ ଆମର ପଦାର୍ପଣ ଉପଲକ୍ଷେ ଆମକୁ ଏକ ଦକ୍ଷିଣା-ପରିକଳ୍ପନା କରିବା ପାଇଁ ସାହାଯ୍ୟ ଓ ଅନୁଗ୍ରହ ପ୍ରଦାନ କରିଥିବାରୁ ।

ଅକ୍ଟୋବର ୨୧ ⇨ ଅନ୍ୟ ସେବାକାର୍ଯ୍ୟକୁ ମଧ୍ୟ ସାହାଯ୍ୟ କରିବା ପାଇଁ ଆମକୁ ସାହାଯ୍ୟ ଓ ଅନୁଗ୍ରହ ଯୋଗାଇ ଦେଇଥିବାରୁ ।

ଅକ୍ଟୋବର ୨୨ ⇨ ଆମକୁ ନିୟମିତ ଭାବରେ ପାରମାର୍ଥିକ ଶିକ୍ଷାଧିବେଶନ ଚଳାଇବା ପାଇଁ ସାମର୍ଥ୍ୟ ଦେଇଥିବାରୁ ।

ଅକ୍ଟୋବର ୨୩ ⇨ ୧୯୬୯ରୁ ଏପର୍ଯ୍ୟନ୍ତ ଆମର ପତ୍ରିକା ସେବାକାର୍ଯ୍ୟକୁ ବିଶ୍ୱସ୍ତ ଭାବରେ ଚଳାଇବା ପାଇଁ ଆମକୁ ପ୍ରତିବଦ୍ଧ କରିଥିବାରୁ ।

ଅକ୍ଟୋବର ୨୪ ⇨ ଆମର କାର୍ଯ୍ୟକାରୀମାନଙ୍କର ପରିବାରଗୁଡ଼ିକୁ ପ୍ରଚୁର ଭାବେ ଆଶୀର୍ବାଦ କରିଥିବାରୁ ।

ଅକ୍ଟୋବର ୨୫ ⇨ ଆମର ସମସ୍ତ ସାଥୀ ଓ ସେମାନଙ୍କ ପରିବାରଗୁଡ଼ିକ ପ୍ରତି ତାଙ୍କର ଦୟା ଓ ବିଶ୍ୱସ୍ତତା ନିମନ୍ତେ ।

ଅକ୍ଟୋବର ୨୬ ⇨ ଅପହଞ୍ଚ ଅଞ୍ଚଳରେ ସୁସମାଚାର ପହଞ୍ଚାଇବା ପାଇଁ ଆମକୁ ଅନୁଗ୍ରହ, ଭାବନା ଓ ସାମର୍ଥ୍ୟ ଦେଇଥିବାରୁ ।

ଅକ୍ଟୋବର ୨୭ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକୁ ଆଶୀର୍ବାଦ କରି, ନୂତନ ବିଶ୍ୱାସୀମାନଙ୍କୁ ଆମ ସହଭାଗିତା ମଧ୍ୟରେ ସଂଯୁକ୍ତ କରିଥିବାରୁ ।

ଅକ୍ଟୋବର ୨୮ ⇨ ମହାବଳିପୁରମ୍ ସ୍ଥିତ ''ଭିଜନ୍ ମିଶନ ଫର୍ମ''ଠାରେ, ଅଗଷ୍ଟ ୧୫ରେ ଆୟୋଜିତ ହୋଇଥିବା ବିଶେଷ ପ୍ରଭୁଭୋଜ ସଭା ଉପରେ ଆଶୀର୍ବାଦ କରିଥିବାରୁ ।

ଅକ୍ଟୋବର ୨୯ ⇨ ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ୍ କରେସ ପଣ୍ଡେସ ପାଠ୍ୟକ୍ରମ ଉପରେ ଆଶୀର୍ବାଦ କରିଥିବାରୁ ।

ଅକ୍ଟୋବର ୩୦ ⇨ ଆମ ମୁଖ୍ୟ ମଣ୍ଡଳୀରେ ମହିଳାମାନଙ୍କର ସେବାକାର୍ଯ୍ୟକୁ ଆଶୀର୍ବାଦ କରିଥିବାରୁ ।

ଅକ୍ଟୋବର ୩୧ ⇨ ପାଳକ ଏସ୍.ସାମ୍ ସେଲ୍ଭାରାଜ ଓ ତାଙ୍କ ପରିବାର ଉପରେ ପ୍ରଚୁର ଆଶୀର୍ବାଦ କରିଥିବାରୁ ।

ନଭେମ୍ବର ୧ ⇨ ଗତମାସ ଆମର ସମସ୍ତ ଅର୍ଥନୈତିକ ଓ ଆତ୍ମିକ ଆବଶ୍ୟକତା ପୂରଣ କରିଥିବାରୁ ।

ନଭେମ୍ବର ୨ ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ନଭେମ୍ବର ୩ ⇨ ସମସ୍ତ ପୃଥିବୀର ଲୋକ ଓ ଜାତିସମୂହ ଉପରେ ତାଙ୍କର ଦୟା, ଅନୁଗ୍ରହ ଓ ସୁରକ୍ଷା ନିମନ୍ତେ ।

## ଦୟାକରି ପ୍ରାର୍ଥନା କରନ୍ତୁ

ନଭେମ୍ବର ୪ ⇨ ପିଲା ଓ ଯୁବାମାନଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟଠାରୁ ସୁରକ୍ଷା ଦେବା ନିମନ୍ତେ ।

ନଭେମ୍ବର ୫ ⇨ 'ଆହ୍ୱାନର ପ୍ରତିଧ୍ୱନି' ସେବାକାର୍ଯ୍ୟରେ କାର୍ଯ୍ୟ କରିବା ପାଇଁ ସମର୍ପିତ କର୍ମଚାରୀମାନଙ୍କୁ ଯୋଗାଇ ଦେବା ନିମନ୍ତେ ।

ନଭେମ୍ବର ୬ ⇨ ଆମର ସାଂଧ୍ୟ ନିହିମିୟା ବାଇବଲ କଲେଜର ଛାତ୍ରମାନଙ୍କର ଶୃଙ୍ଖଳା, ସମର୍ପଣ ଓ ଆତ୍ମିକ ଅଭିବୃଦ୍ଧି ନିମନ୍ତେ ।

ନଭେମ୍ବର ୭ ⇨ ପ୍ରାକୃତିକ ବିପର୍ଯ୍ୟୟରୁ ଈଶ୍ୱରଙ୍କର ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ନଭେମ୍ବର ୮ ⇨ ସମସ୍ତ ଜାତି ଓ ଦେଶ ମଧ୍ୟରେ ଏକତା, ଶାନ୍ତି ଓ ମିଳନ ନିମନ୍ତେ ।

ନଭେମ୍ବର ୯ ⇨ ସମଗ୍ର ପୃଥିବୀସ୍ଥ ଲୋକମାନଙ୍କର ସୁରକ୍ଷା, ନିରାପତ୍ତା ଓ କଲ୍ୟାଣ ନିମନ୍ତେ ।

ନଭେମ୍ବର ୧୦ ⇨ ସମଗ୍ର ଭାରତରେ ସୁସମାଚାର ଜାଣି ନ ଥିବା ଲୋକମାନଙ୍କୁ ଜଣାଇବା ପାଇଁ ଈଶ୍ୱରଙ୍କର ଅନୁଗ୍ରହ ଓ ସାମର୍ଥ୍ୟ ପ୍ରଦାନ ନିମନ୍ତେ ।

ନଭେମ୍ବର ୧୧ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍ଭାରାଜ ଓ ତାଙ୍କ ପରିବାର ପ୍ରତି ଉତ୍ତମ ସ୍ୱାସ୍ଥ୍ୟ, ଶକ୍ତି ଓ ଈଶ୍ୱରଙ୍କର ସୁରକ୍ଷା ନିମନ୍ତେ ।

ନଭେମ୍ବର ୧୨ ⇨ ସମଗ୍ର ପୃଥିବୀରୁ ଶିଶୁ ଚାଲାଣ ଯେପରି ଦୂର ହେବ ଓ ବିପଦଗ୍ରସ୍ତ ପିଲାମାନେ ଯେପରି ସୁରକ୍ଷା ଓ ପୁନରୁଦ୍ଧାର ପ୍ରାପ୍ତ ହେବେ ।

ନଭେମ୍ବର ୧୩ ⇨ ସମସ୍ତ ଖ୍ରୀଷ୍ଟିଆନ ଅନୁଷ୍ଠାନ ଓ ମଣ୍ଡଳୀଗୁଡ଼ିକ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ଓ ସୁରକ୍ଷା ନିମନ୍ତେ ।

ନଭେମ୍ବର ୧୪ ⇨ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ ମାଧ୍ୟମରେ ଯେପରି ଶକ୍ତିଶାଳୀ ଆଶ୍ଚର୍ଯ୍ୟ ଓ ଅଦ୍ଭୁତ କର୍ମ ସାଧିତ ହେବ ।

ନଭେମ୍ବର ୧୫ ⇨ ଈଶ୍ୱର ଯେପରି ସମସ୍ତ ବିଶ୍ୱାସୀଙ୍କ ଚକ୍ଷୁ ଉନ୍ମୁକ୍ତ କରିବେ ଓ ସେମାନଙ୍କୁ ଆତ୍ମିକ ଜ୍ଞାନ, ବୁଦ୍ଧି ଓ ଅନ୍ତର୍ଦୃଷ୍ଟି ପ୍ରଦାନ କରିବେ ।

ନଭେମ୍ବର ୧୬ ⇨ ଈଶ୍ୱର ଯେପରି ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଛାତ୍ରମାନଙ୍କୁ ସେମାନଙ୍କ ପାଠ ପଢ଼ାରେ ଆଶୀର୍ବାଦ କରିବେ, ସେମାନଙ୍କୁ ଜ୍ଞାନ, ବୁଦ୍ଧି ପ୍ରଦାନ କରି ସେମାନଙ୍କ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ ପଥ ଦେଖାଇବେ ।

ନଭେମ୍ବର ୧୭ ⇨ ମହିଳା ଓ ଶିଶୁମାନଙ୍କ ପ୍ରତି ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ନଭେମ୍ବର ୧୮ ⇨ ଈଶ୍ୱର ଯେପରି ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ'' ପାଇଁ ସମସ୍ତ ଅର୍ଥନୈତିକ ଆବଶ୍ୟକତାଗୁଡ଼ିକୁ ଯୋଗାଇ ଦେବେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଆମ ଚତୁର୍ଦ୍ଦିଗସ୍ଥିତ ପ୍ରତ୍ୟେକ ବିଷୟ ଉପରେ ଏକ ଛାୟା ପକାଇବା ଭଳି ମନେ ହୋଇପାରେ ।

ଏହା ଗୋଟିଏ ଡାକ୍ତରଙ୍କର ରିପୋର୍ଟ ହୋଇପାରେ ।

ଏହା ଗୋଟିଏ ସରକାରୀ ନିଷ୍ପତ୍ତି ହୋଇପାରେ ।

ଏହା ଗୋଟିଏ କଷ୍ଟକର ପାରିବାରିକ ପରିସ୍ଥିତି ହୋଇପାରେ ।

ଏହା ଅର୍ଥନୈତିକ ଚାପ ହୋଇପାରେ ।

ଏହା କୌଣସି ପ୍ରତ୍ୟାଖ୍ୟାନ ହୋଇପାରେ ।

ଏହା ନିଃସଙ୍ଗତା ହୋଇପାରେ ।

ଏହା ବିଶୃଙ୍ଖଳା, ଅନିଶ୍ଚିତତା ହୋଇପାରେ ।

କିମ୍ବା ଭବିଷ୍ୟତ୍ ସମ୍ବନ୍ଧୀୟ ଭୟ ହୋଇପାରେ ।

ମାତ୍ର ଏହାକୁ ସ୍ପଷ୍ଟ ଭାବରେ ଶୁଣନ୍ତୁ :

ଅନ୍ଧକାର ଶେଷ ଶବ୍ଦ ନୁହେଁ ।

ଯେତେବେଳେ ଆମେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହୋଇ ରହୁ, ସେତେବେଳେ ଆମେ ଆମର ଆଲୋକର ଉତ୍ସଙ୍କ ସହିତ ସଂଯୁକ୍ତ ହୋଇ ରହୁ ।

ଗୋଟିଏ ପ୍ରଦୀପ ଏହାର ଶକ୍ତିର ଉତ୍ସଠାରୁ ବିଚ୍ଛିନ୍ନ ହେଲେ, ଆଉ ଆଲୋକ ପ୍ରକାଶ କରିପାରେ ନାହିଁ । ସେହିପରି ଭାବରେ, ଯଦି ଆମେ ପ୍ରଭୁ ଯୀଶୁଙ୍କ ସହିତ ଆମ ସଂପର୍କରେ ଶୀତଳ କିମ୍ବା ଦୂର ହୋଇ ଯାଉ, ତେବେ ଆମେ ମଧ୍ୟ ଠିକ୍ ଭାବରେ ଆଲୋକ ପ୍ରକାଶ କରିପାରୁ ନାହୁଁ ।

ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଆମର ସଂପର୍କ ଗୁରୁତ୍ୱପୂର୍ଣ୍ଣ ଅଟେ ଓ ଏହା ଆମର ଶକ୍ତି ଅଟେ । ଆମର ପ୍ରାର୍ଥନା ଜୀବନ ଗୁରୁତ୍ୱପୂର୍ଣ୍ଣ ଅଟେ । ଈଶ୍ୱରଙ୍କ ବାକ୍ୟ ସହିତ ଆମର ସଂପର୍କ ଗୁରୁତ୍ୱପୂର୍ଣ୍ଣ ଅଟେ । ପବିତ୍ର ଆତ୍ମାଙ୍କ ଉପରେ ଆମର ନିର୍ଭରଶୀଳତା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଆମେ ଯେପରି ଶକ୍ତିର ଉତ୍ସଠାରୁ ବିଚ୍ଛିନ୍ନ ହେଉ, ଏହା ଶତ୍ରୁ ପସନ୍ଦ କରେ, କାରଣ ସେ ଏହା ଜାଣେ ଯେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରୁ ବିଚ୍ଛିନ୍ନ ହୋଇଥିବା ଜଣେ ବିଶ୍ୱାସୀ ଆତ୍ମିକ ସଫଳତା ସହିତ ଆଲୋକ ପ୍ରକାଶ କରିବା ପାଇଁ ସଂଘର୍ଷ କରିବ ।

ମାତ୍ର ଆମେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବାସ କଲେ, ତାଙ୍କର ଆଲୋକ ଆମ ମାଧ୍ୟମରେ ପ୍ରକାଶ ପାଇବା ଅବ୍ୟାହତ ରହେ ।

ସେଥିପାଇଁ, ଆସନ୍ତୁ, ବିଶ୍ୱାସରେ ଘୋଷଣା କରିବା :

ମୋ' ଚିନ୍ତା ଉପରେ ଅନ୍ଧକାରର କୌଣସି ଶକ୍ତି ନାହିଁ ।

ମୋ' ଭବିଷ୍ୟତ୍ ଉପରେ ଅନ୍ଧକାରର କୌଣସି ଶକ୍ତି ନାହିଁ ।

ମୋ' ପରିବାର ଉପରେ ଅନ୍ଧକାରର କୌଣସି ଶକ୍ତି ନାହିଁ ।

ମୋର ଆହ୍ୱାନ ଉପରେ ଅନ୍ଧକାରର କୌଣସି ଶକ୍ତି ନାହିଁ ।

ମୋର ସେବାକାର୍ଯ୍ୟ ଉପରେ ଅନ୍ଧକାରର କୌଣସି ଶକ୍ତି ନାହିଁ ।

ମୋ'ଠାରେ ଯୀଶୁ ଖ୍ରୀଷ୍ଟ ଏପରି ଆଲୋକ ଅଟନ୍ତି
ଯିଏ ମୋତେ ଆଲୋକ ପ୍ରକାଶ କରିବା ପାଇଁ
ସାମର୍ଥ୍ୟ ଦିଅନ୍ତି । ଆମେନ୍ ।

## ୩. ଏହି ସମୟରେ ଆଲୋକ ପ୍ରକାଶ କରିବା ପାଇଁ ଆମକୁ ଆହ୍ୱାନ କରାଯାଇଛି ।

ପ୍ରଭୁ ଯୀଶୁ ଖ୍ରୀଷ୍ଟ କହିଥିଲେ :

''ତୁମ୍ଭେମାନେ ଜଗତର ଜ୍ୟୋତିଃ'' (ମାଥିଉ ୫:୧୪) ।

ପ୍ରଭୁ ଯୀଶୁ କହି ନ ଥିଲେ, ''ତୁମ୍ଭେମାନେ ସେହି ସମୟରେ ଜଗତର ଜ୍ୟୋତିଃ ଅଟ, ଯେଉଁ ସମୟରେ ସବୁ କିଛି ଠିକ୍ ଭାବରେ ଚାଲୁଥାଏ ଓ ତୁମ୍ଭମାନଙ୍କର ପରିବେଶ ଅନୁକୂଳ ରହିଥାଏ ।'' କେବଳ ପରିବେଶ ଅନୁକୂଳ ଥିବା ସମୟରେ ଆଲୋକ ପ୍ରକାଶ କରିବା ପାଇଁ ଆମକୁ ଆହ୍ୱାନ କରାଯାଇ ନାହିଁ । ଆମକୁ ପ୍ରତ୍ୟେକ ସମୟରେ ଆଲୋକ ପ୍ରକାଶ କରିବା ପାଇଁ ଆହ୍ୱାନ କରାଯାଇଛି ।

କୌଣସି ଏକ ସଠିକ୍ ସମୟ ଆଦୌ ନ ଥାଏ । କୌଣସି ଏକ ସଠିକ୍ ପରିବେଶ କିମ୍ବା ସଂପୂର୍ଣ୍ଣ ଭାବରେ ଏକ ଅନୁକୂଳ ପରିସ୍ଥିତି ଆଦୌ ନ ଥାଏ ।

ମାତ୍ର ଆମେ ଆଲୋକ ପ୍ରକାଶ କରିବା ଆରମ୍ଭ କରିବା ପୂର୍ବରୁ ଅନ୍ଧକାର ଅନ୍ତର୍ଦ୍ଧାନ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ ଈଶ୍ୱର ଆମକୁ ଆହ୍ୱାନ କରି ନାହାଁନ୍ତି ।

ଆମକୁ ଅନ୍ଧକାର ଭିତରେ ହିଁ ଆଲୋକ ପ୍ରକାଶ କରିବା ପାଇଁ ଆହ୍ୱାନ କରାଯାଇଛି ।

ଯୋହନ ୩:୧୯ ଆମକୁ ଏହା ସ୍ମରଣ କରାଇ ଦେଉଛି ଯେ ''ଲୋକମାନେ ଜ୍ୟୋତିଃ ଅପେକ୍ଷା ବରଂ ଅନ୍ଧକାରକୁ ଭଲ ପାଇଲେ, ଯେଣୁ ସେମାନଙ୍କର କର୍ମ ସବୁ ମନ୍ଦ ।'' ସେଥିପାଇଁ, ଆଲୋକରେ ଗମନାଗମନ କରିବା, ବେଳେ ବେଳେ ଆମ ଚତୁଃପାର୍ଶ୍ୱସ୍ଥ ଜଗତଠାରୁ ଆମକୁ ଭିନ୍ନ କରିପାରେ ।

ଏହା ସର୍ବଦା ଲୋକପ୍ରିୟ ହୋଇ ନ ପାରେ । ଏହା ସର୍ବଦା ବୋଧଗମ୍ୟ ହୋଇ ନ ପାରେ । ଏହା ବେଳେ ବେଳେ ଆମକୁ ଅସହଜ କରିପାରେ ।

ମାତ୍ର ଆମ ଚତୁଃପାର୍ଶ୍ୱସ୍ଥ ଅନ୍ଧକାରର ଅନୁରୂପୀ ହେବା ପାଇଁ ଆମକୁ ଆଦୌ ଆହ୍ୱାନ କରାଯାଇ ନାହିଁ । ଆମକୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଆଲୋକ ବହନ କରିବା ପାଇଁ ଆହ୍ୱାନ କରାଯାଇଛି ।

ଆମର ଆହ୍ୱାନ ଅନ୍ଧକାର ସହିତ ମିଶି ନ ଯାଇ, ବରଂ ଏହାକୁ ଆଲୋକିତ କରିବା ପାଇଁ ଉଦ୍ଦିଷ୍ଟ ଅଟେ ।

## ୪. ଈଶ୍ୱର ଅନ୍ଧକାରରୁ ଆଲୋକକୁ ପୃଥକ୍ କରିଥିଲେ – ଏକ ପୃଥକୀକୃତ ଜୀବନ ।

ଆଦିପୁସ୍ତକ ୧:୩–୪ରେ ଲେଖାଯାଇଛି :

''ଅନନ୍ତର ପରମେଶ୍ୱର କହିଲେ, ଦୀପ୍ତି ହେଉ, ତହିଁରେ ଦୀପ୍ତି ହେଲା । ଆଉ ପରମେଶ୍ୱର ଦୀପ୍ତିକି ଦେଖିଲେ ଯେ ତାହା ଉତ୍ତମ, ତହୁଁ ପରମେଶ୍ୱର ଅନ୍ଧକାରରୁ ଦୀପ୍ତିକୁ ଭିନ୍ନ କଲେ ।''

ଏଠାରେ କ୍ରମଟିକୁ ଲକ୍ଷ୍ୟ କରନ୍ତୁ । ଈଶ୍ୱର ଅନ୍ଧକାର ମଧ୍ୟରୁ ଦୀପ୍ତିକୁ ଆଣି ଦେଲେ । ଏହାପରେ ଆଲୋକକୁ ଅନ୍ଧକାରଠାରୁ ପୃଥକ୍ କଲେ ।

ଏଥିରେ ପ୍ରତ୍ୟେକ ବିଶ୍ୱାସୀ ପାଇଁ ଏକ ବଡ଼ ବାର୍ତ୍ତା ଅଛି ।

ଈଶ୍ୱର ଆମକୁ କେବଳ ଆଲୋକ ପ୍ରକାଶ କରିବା ପାଇଁ ନୁହେଁ, ମାତ୍ର ଅନ୍ଧକାର ଠାରୁ ଆଲୋକକୁ ପୃଥକ୍ କରିବା ପାଇଁ ମଧ୍ୟ ଆହ୍ୱାନ କରିଛନ୍ତି ।

ଆମେ ଜାଣିଶୁଣି ଅନ୍ଧକାରକୁ ଗ୍ରହଣ କଲେ, ଫଳପ୍ରଦ ଭାବରେ ଆଲୋକର ପ୍ରତିନିଧିତ୍ୱ କରିପାରିବା ନାହିଁ ।

ଗୋଟିଏ ପାର୍ଥକ୍ୟ ରହିବା ଆବଶ୍ୟକ ।

ପବିତ୍ରତା ରହିବା ଆବଶ୍ୟକ ।

ଆମେ ଯେପରି ଭାବରେ ବଞ୍ଚୁ, କଥା କହୁ, ଚିନ୍ତା କରୁ, କାର୍ଯ୍ୟ କରୁ, ଅନ୍ୟମାନଙ୍କ ପ୍ରତି ବ୍ୟବହାର ଦେଖାଉ, ନିଷ୍ପତ୍ତି ନେଉ ଓ ନିଜ ନିଜକୁ ପରିଚାଳନା କରୁ, ସେଥିରେ ଏକ ଦୃଶ୍ୟ ପାର୍ଥକ୍ୟ ରହିବା ଆବଶ୍ୟକ ।

ଆମର ଜୀବନ ତାହାକୁ ପ୍ରତିଫଳିତ କରିବା ଉଚିତ ଯାହାଙ୍କର ଆମେ ପ୍ରତିନିଧିତ୍ୱ କରୁ ।

ଯିଶାଇୟ ୪୨:୬–୭, ଈଶ୍ୱରଙ୍କ ଲୋକମାନଙ୍କୁ ଗୋଷ୍ଠୀଗଣ ନିକଟରେ ଏକ ଆଲୋକ ସ୍ୱରୂପ ହେବା ପାଇଁ ଆହ୍ୱାନ କରାଯାଇଛି ବୋଲି କହିଛି ।

ଆମ ହସ୍ତରେ ଏପରି ଏକ ଆଲୋକ ନ୍ୟସ୍ତ କରାଯାଇଛି ଯାହା ଆମ ନିଜ ଜୀବନର ସୀମା ଭିତରେ ଆବଦ୍ଧ ହୋଇ ରହିବା ପାଇଁ ଉଦ୍ଦିଷ୍ଟ ନୁହେଁ । ଆମର ଗୃହଗୁଡ଼ିକ ଆଲୋକର ଅନୁଭୂତି ପାଇବା ଉଚିତ୍ ।

ଆମର କାର୍ଯ୍ୟସ୍ଥଳଗୁଡ଼ିକ ଆଲୋକର ଅନୁଭୂତି ପାଇବା ଉଚିତ୍ ।

ଆମର ମଣ୍ଡଳୀଗୁଡ଼ିକ ଆଲୋକର ଅନୁଭୂତି ପାଇବା ଉଚିତ୍ । ଆମର ଅଞ୍ଚଳଗୁଡ଼ିକ ଆଲୋକର ଅନୁଭୂତି ପାଇବା ଉଚିତ୍ ।

ଆମର ପିଢ଼ି (ଯୁଗ) ଆଲୋକର ଅନୁଭୂତି ପାଇବା ଉଚିତ୍ ।

ଆମେ ଆମର ପ୍ରଦୀପଗୁଡ଼ିକୁ ଯେପରି ଲୁଚାଇ ରଖୁ, ଏଥିପାଇଁ ଈଶ୍ୱର ଆମର ପ୍ରଦୀପଗୁଡ଼ିକୁ ପ୍ରଜ୍ୱଳିତ

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

1. Prayer Service : 24 hours
2. **ECHO OF HIS CALL** - Monthly Magazines :English, Tamil, Malayalam, Telugu, Hindi, Kannada, Marathi, Gujarati, Bengali, Odiya, Nepali, Assamese, Punjabi, Urdu, Sinhala & Afrikaans.
3. **BIBLECOR** - Basic Bible Courses (English, Tamil & Hindi)
4. Theological Correspondence Courses: English & Tamil
5. Nehemiah Bible Colleges (Chepauk, Santhoshapuram & Velachery)
6. Branch Churches: Santhoshapuram, Balaji Nagar & Velachery
7. Great Commission Partners (Network of Pastors)
8. Training Programmes – Seminars & Retreats
9. Crusades
10. Literature Distribution and Follow Up
11. Gospel Printing Press - Publications
12. St. Paul's Matriculation School - Village English High School
13. Sunday Schools (Chepauk) : 10.30 a.m. Sunday & (Velachery, Balaji Nagar & Santhoshapuram) 3.00 p.m. Sunday
14. **Early Morning Service : 5.30 a.m. Sunday**
15. **Preliminary Service : 8.00 a.m. Sunday**
16. **Tamil Service : 8.30 a.m. Sunday**
17. **Children School : 11.00 a.m. Sunday**
18. **Youth Meeting : 11.00 a.m. Sunday**
19. **Elders for Christ Meeting : 11.00 a.m. Sunday**
20. **Fellowship Lunch : 01.00 p.m. Sunday**
21. **Telugu Service : 4.00 p.m. Sunday**
22. **Hindi Service : 5.00 p.m. Sunday**
23. **Tamil & English Service : 6.00 p.m. Sunday**
24. Feedback Time : 8.00 p.m. Sunday
25. Women's Prayer : 5.30 p.m. Wednesday
26. Men's Prayer : 7.00 p.m. Friday
27. Discipleship Meeting : 6.00 p.m. Saturday
28. House Meetings : 6.30 p.m. Tuesday & Thursday
29. Special Holy Communion : 6.00 a.m. 1st day of each month
30. Workers Meeting : 5.30 p.m. First Saturday
31. Parents' Prayer : 4.00 p.m. First Sunday
32. Night Prayer : 9.30 p.m. Third Friday
33. Fasting Prayer : 9:30 a.m. Second Saturday
34. Holy Communion : Second Sunday Service
35. Youth / Kid Prayer : 10.00 p.m. daily (over phone)
36. Staff Devotion : 9.00 a.m. daily
37. Office : 9.00 a.m. to 9.00 p.m. (except Sundays)

## କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |

କରି ନାହାନ୍ତି । ସେ ଆଲୋକ ପ୍ରକାଶ କରିବା ପାଇଁ ଆମକୁ ଆହ୍ୱାନ କରିଛନ୍ତି ।

### ୫. ଆଲୋକର ସଜ୍ଜା ପରିଧାନ କରନ୍ତୁ ।

ଶେଷରେ, ରୋମୀୟ ୧୩:୧୨ ଏକ ଶକ୍ତିପୂର୍ଣ୍ଣ ଆହ୍ୱାନ ଜଣାଇଛି :

"ରାତ୍ରି ପାହାନ୍ତା ହେଉଅଛି, ଦିବସ ସନ୍ନିକଟ, ଅତଏବ ଆସ, ଆମ୍ଭେମାନେ ଅନ୍ଧକାରର କର୍ମସବୁ ପରିତ୍ୟାଗ କରି ଆଲୋକର ସଜ୍ଜା ପରିଧାନ କରୁ ।"

ଏଠାରେ ଧର୍ମଶାସ୍ତ୍ର ବ୍ୟବହାର କରିଥିବା ଭାଷାକୁ ଲକ୍ଷ୍ୟ କରନ୍ତୁ :

"ଅନ୍ଧକାରର କର୍ମସବୁ ପରିତ୍ୟାଗ କର ।"

"ଆଲୋକର ସଜ୍ଜା ପରିଧାନ କର ।"

ଆଲୋକ କେବଳ, ଆମେ ଦେଖୁଥିବା ବିଷୟ ନୁହେଁ, ଏହା ଏପରି କିଛି ଅଟେ, ଯାହାକୁ ପରିଧାନ କରିବା ପାଇଁ ଓ ଜୀବନରେ ପ୍ରଦର୍ଶନ କରିବା ପାଇଁ ଆମକୁ ଆହ୍ୱାନ କରାଯାଇଛି ।

ଆଲୋକର ସଜ୍ଜା ପରିଧାନ କରିବାର ଅର୍ଥ ହେଉଛି, ବୁଝାମଣା ପରିବର୍ତ୍ତେ ଧାର୍ମିକତାକୁ ବାଛିବା ।

ଏହାର ଅର୍ଥ ହେଉଛି :

- ପାପ ପରିବର୍ତ୍ତେ ପବିତ୍ରତାକୁ ବାଛିବା
- ପ୍ରତାରଣା ପରିବର୍ତ୍ତେ ସତ୍ୟକୁ ବାଛିବା ।
- ତିକ୍ତତା ପରିବର୍ତ୍ତେ କ୍ଷମାକୁ ବାଛିବା ।
- ଭୟ ପରିବର୍ତ୍ତେ ବିଶ୍ୱାସକୁ ବାଛିବା ।
- ସୁବିଧା ପରିବର୍ତ୍ତେ ବାଧ୍ୟତାକୁ ବାଛିବା ।
- ଏହି ଜଗତର ଧାରା ଓ ମୂଲ୍ୟବୋଧ ପରିବର୍ତ୍ତେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ବାଛିବା ।

ଯେତେବେଳେ ଆମେ ଆଲୋକର ସଜ୍ଜା ପରିଧାନ କରୁ, ସେତେବେଳେ ଆମେ ଅନ୍ଧକାରର କାର୍ଯ୍ୟ ବିରୁଦ୍ଧରେ ଦୃଢ଼ ଭାବେ ଦଣ୍ଡାୟମାନ ହେବା ପାଇଁ ସୁସଜ୍ଜିତ ହେଉ ।

### *ଆପଣଙ୍କର ଆଲୋକ ପ୍ରକାଶ ପାଉ ।*

ପ୍ରିୟ ବନ୍ଧୁ, ଧର୍ମଶାସ୍ତ୍ର ଆମକୁ ଏକ ଧାର୍ମିକ ବ୍ୟକ୍ତିର ଜୀବନ ବିଷୟରେ ଏକ ସୁନ୍ଦର ପ୍ରତିଜ୍ଞା ପ୍ରଦାନ କରିଛି :

"ଧାର୍ମିକର ଦୀପ୍ତି ଆନନ୍ଦ କରେ ..." (ହିତୋପଦେଶ ୧୩:୯) ।

ଯେତେବେଳେ ଆମେ ଆଲୋକରେ ଗମନାଗମନ କରୁ ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଧାର୍ମିକତାକୁ ଆମ ଜୀବନର ଗଠନ ନିମନ୍ତେ ସୁଯୋଗ ଦେଉ, ସେତେବେଳେ ତାଙ୍କର ଆଲୋକ ସର୍ବାଧିକ କଷ୍ଟକର ପରିବେଶରେ ମଧ୍ୟ ଆମ ମାଧ୍ୟମରେ ପ୍ରକାଶିତ ହୋଇପାରେ ।

ଆପଣଙ୍କର ଆଲୋକ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଆପଣଙ୍କର ସାକ୍ଷ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ ।



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲଭା ରାଜଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ନିଜର ସେବକମାନଙ୍କୁ ପରିତ୍ୟାଗ କରୁ ନ ଥିବା ମହାନ୍ ଈଶ୍ୱର

ମୋର ଆଦ୍ୟ ଦିନଗୁଡ଼ିକରେ, ବିଭିନ୍ନ କ୍ଷେତ୍ରରୁ ବିରୋଧର ସମ୍ମୁଖୀନ ହେବା ମୋ' ପାଇଁ ଏକ ସାଧାରଣ ବିଷୟ ଥିଲା । ଏହା ସତ୍ତ୍ୱେ, ମୁଁ ପ୍ରଭୁଙ୍କର ସେବା କାର୍ଯ୍ୟରେ ଜଡ଼ିତ ଥିବାରୁ, ମୋତେ ମୋର ଗୃହ ଓ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିବାକୁ ପଡ଼ିଥିଲା ।

୧୯୭୮ରେ, ମୁଁ ଚେନ୍ନାଇରେ ଗୋଟିଏ ଛୋଟ ଗୃହ ଭଡ଼ାରେ ନେଇଥିଲି ଓ ସାଧାରଣ ଭାବରେ ମୁଁ ଯାହା କରିଥାଏ, ସେହିପରି ମୁଁ ସେଠାରେ ରହିବା ପୂର୍ବରୁ ମୋର ପାଳକ ପାଷ୍ଟର କି.ସୁନ୍ଦରମ୍‌ଙ୍କୁ (ଆପୋଷ୍ଟଲିକ୍ ଖ୍ରୀଷ୍ଟିୟାନ ଆସେମ୍ବ୍ଲିର ତତ୍କାଳୀନ ପାଷ୍ଟର), ମୋ' ଗୃହକୁ ଆସି, ଏହାକୁ ଆଶୀର୍ବାଦ କରିବା ପାଇଁ ଅନୁରୋଧ କରିଥିଲି । ସେ ନିଜର ସହଯୋଗୀ ପାଷ୍ଟର ଏମ୍.କେ.ସାମ୍ ସୁନ୍ଦରମ୍‌ଙ୍କୁ ପ୍ରେରଣ କରିଥିଲେ । ସେ ଜଣେ ଅତି ପ୍ରେମମୟ ଓ ଈଶ୍ୱରଙ୍କର ସମ୍ମାନୀୟ ଦାସ ଥିଲେ ।

ଆମେ ଉଭୟେ ସେହି ଦିନ ଗୋଟିଏ ଟ୍ୟାକ୍ସିରେ ଯାତ୍ରା କରିଥିଲୁ । ଆମେ ସେହି ଟ୍ୟାକ୍ସିରେ ବସିବା ମାତ୍ରେ, ପାଳକ ଆଖି ବନ୍ଦ କରି ପ୍ରାର୍ଥନା କରିବା ଆରମ୍ଭ କରିଥିଲେ । ମାତ୍ର ମୁଁ ସେହି ମିଟର ବାକ୍ସକୁ ଲକ୍ଷ୍ୟ କରୁଥିଲି, ଯାହା ଉପରେ ଆମ ଯାତ୍ରାର ଭଡ଼ା ଟଙ୍କା ଲେଖା ଯାଉଥିଲା ।

ସମୟ ଅତିକ୍ରାନ୍ତ ହେବା ସମୟରେ, ମିଟର ବାକ୍ସରେ ପ୍ରଦର୍ଶିତ ହେଉଥିବା ଟଙ୍କାର ପରିମାଣ ମୋ' ପାଖରେ ଥିବା ଟଙ୍କାର ପରିମାଣର ପାଖାପାଖି ହୋଇଗଲା । ଅଳ୍ପ କିଛି ସମୟ ପରେ, ଏହା ଠିକ୍ ସେତିକି ଦର୍ଶାଇଲା, ସେତିକି ଟଙ୍କା ମୋ' ପାଖରେ ଥିଲା । ଆମକୁ ଆହୁରି ଦୂରକୁ ଯିବାର ଥିଲା । ମୋର ଟଙ୍କା ଅପେକ୍ଷା ଗାଡ଼ିର ଭଡ଼ା ଅଧିକ ହୋଇ ଯାଉଥିଲା । ଯଦି ଗାଡ଼ିଟି ଆହୁରି ଆଗକୁ ଯିବ, ତେବେ ମୁଁ ଅସୁବିଧାରେ ପଡ଼ିବି ଭାବି ଭୟ କଲି । ମୋ' ପାଖରେ ଜଣେ ବରିଷ୍ଠ ପାଳକ ବସିଥିଲେ । କ'ଣ କରିବାକୁ ହେବ, ତାହା ମୁଁ ଜାଣି ନ ଥିଲି । ସେଥିପାଇଁ ମୁଁ ମୋ' ଅନ୍ତର ଭିତରେ କ୍ରନ୍ଦନ କଲି : "ହେ, ପ୍ରିୟ ପିତା, ମୋର ପ୍ରଭୁ, ମୁଁ କ'ଣ କରିବି ? ମୋ' ପାଖରେ ଅଧିକା ଟଙ୍କା ନାହିଁ ।" ମୋ' ଦେହରୁ ଝାଳ ବୋହିବା ଆରମ୍ଭ ହେଲା । ମାତ୍ର ଗାଡ଼ିଟି କ୍ଷିପ୍ର ଗତିରେ ଗତି କରୁଥିଲା ।

ପରେ, ଯେତେବେଳେ ମୁଁ ମିଟର ପ୍ରତି ଦୃଷ୍ଟିପାତ କଲି, ସେତେବେଳେ ମୁଁ ଏହା ଦେଖି ଆଶ୍ଚର୍ଯ୍ୟ ହେଲି ଯେ ମୋ' ହାତରେ ଯେତିକି ଟଙ୍କା ଥିଲା, ମିଟରରେ ଭଡ଼ା ଟଙ୍କା ସେତିକି ଦେଖାଉଥିଲା । ମୋର ଚକ୍ଷୁ ଅଶ୍ରୁପୂର୍ଣ୍ଣ ହୋଇ ଯାଇଥିଲା ।

ଆମେ ଗୃହରେ ପହଞ୍ଚିଲୁ । ପାଷ୍ଟର ଏହି ବିଷୟରେ କିଛି ଜାଣି ନ ଥିଲେ । ଆମେ ଗାଡ଼ିରୁ ଓହ୍ଲାଇବା ମାତ୍ରେ, ମୁଁ ଗାଡ଼ି ଚାଳକଙ୍କର ହାତକୁ ଧରି ତାଙ୍କୁ କହିଲି, "ପ୍ରିୟ ଭାଇ, ମୁଁ ଜୀବିତ ଈଶ୍ୱରଙ୍କର ଜଣେ ଦାସ ଅଟେ । ମୋ' ପାଖରେ କେବଳ ଏତିକି ଟଙ୍କା ଅଛି । ଆପଣଙ୍କର ମିଟର ଠିକ୍ ଏତିକି ଯାଇଥିଲା ଓ ବର୍ତ୍ତମାନ ମୋ' ନିକଟରେ ସେତିକି ଟଙ୍କା ଅଛି, ଏହା ସେତିକି ଦେଖାଉଛି । ଦୟାକରି, ମୋତେ ଗୋଟିଏ ଘଣ୍ଟାର ସମୟ ଦିଅନ୍ତୁ, ଯାହାଦ୍ୱାରା ଆପଣ ଯେତିକି ବାଟ ଆସିଛନ୍ତି, ସେତିକି ବାଟର ଭଡ଼ା ମୁଁ ଆପଣଙ୍କୁ ଦେଇପାରିବି । ଦୟାକରି ମୋର ଅତିଥି, ସମ୍ମାନୀୟ ପାଷ୍ଟରଙ୍କୁ କିଛି କୁହନ୍ତୁ ନାହିଁ ।"

ସଙ୍ଗେ ସଙ୍ଗେ ସେହି ଗାଡ଼ିଚାଳକ ମୋତେ କୁଣ୍ଢାଇ ପକାଇଲେ ଓ କହିଲେ, "ମୁଁ ମଧ୍ୟ ଈଶ୍ୱରଙ୍କର ଜଣେ ସନ୍ତାନ । ମୁଁ ସମ୍ପୂର୍ଣ୍ଣ ହୃଦୟର ସହିତ ଏହା ବିଶ୍ୱାସ କରେ ଯେ ଈଶ୍ୱର ଆପଣଙ୍କୁ ସାହାଯ୍ୟ କରିବା ପାଇଁ ମୋତେ ଗୋଟିଏ ସୁଯୋଗ ଦେଇଛନ୍ତି ।" ଏହା କହି, ସେ ମୋତେ ମୋର ଟଙ୍କା ସବୁ ଫେରାଇ ଦେଲେ ଓ କହିଲେ, "ଦୟାକରି ଏହାକୁ ମୋର ପ୍ରେମର ଦାନ ଭାବରେ ଗ୍ରହଣ କରନ୍ତୁ । ଆପଣ ନିଜ ଗୃହରେ ପ୍ରବେଶ କରିବା ସମୟରେ ନିଜ ପାଇଁ କିଛି କ୍ଷୀର କିଣିପାରିବେ । ମୁଁ ଯେଉଁ ପ୍ରଭୁଙ୍କର ଉପାସନା କରେ, ସେ ଆପଣଙ୍କୁ କୋଟି ପତିରେ ପରିଣତ କରନ୍ତୁ ।" ଏତିକି କହି, ସେ ଚାଲିଗଲେ । ମୁଁ ତାଙ୍କୁ ମୋ' ଜୀବନରେ ଆଉ କେବେ ଦେଖି ନାହିଁ ।

ମୁଁ କିଛି କ୍ଷୀର କିଣିଲି ଓ ମୁଁ ସ ପାଷ୍ଟର ମୋର ନୂତନ ଗୃହରେ ଏହାକୁ ଖୁସିରେ ପାନ କରିଥିଲୁ । ସେହିଦିନ ପାଷ୍ଟର ଯେଉଁ ଗୀତ ଗାଇଥିଲେ, ତାହା ଏ ପର୍ଯ୍ୟନ୍ତ ମୋର ମନେ ଅଛି । ସେ ଗୀତ ଗାଉଥିବା ସମୟରେ, ମୁଁ ଉଚ୍ଚସ୍ୱରରେ କ୍ରନ୍ଦନ କରିବା ଆରମ୍ଭ କରିଥିଲି । ସେ ଗୀତ ବନ୍ଦ କରି ମୋତେ ପଚାରିଥିଲେ, "ଭାଇ ସାମ୍, ଆପଣ କାହିଁକି ଏହିପରି କ୍ରନ୍ଦନ କରୁଛନ୍ତି ?" ମୁଁ ତାଙ୍କୁ ସମସ୍ତ ଘଟଣା କହିଥିଲି । ସେ ମଧ୍ୟ ଅଶ୍ରୁ ସିକ୍ତ ହୋଇଥିଲେ ଓ ମୋତେ କହିଥିଲେ, "ଆପଣ କାହିଁକି ବ୍ୟସ୍ତ ହେଉଥିଲେ ? ଆପଣ ମୋତେ ମାଗିଥିଲେ, ମୁଁ କ'ଣ ସେହି ଟଙ୍କା ଦେଇ ପାରି ନ ଥା'ନ୍ତି ? ଠିକ୍ ଅଛି । ଈଶ୍ୱର ଆପଣଙ୍କ ସହିତ ଅଛନ୍ତି । ଆପଣ ଭୟ କରନ୍ତୁ ନାହିଁ । ସେ ଆପଣଙ୍କୁ ହଜାର ହଜାର ଲୋକଙ୍କ ପ୍ରତି ଉପଯୋଗୀ ହେବା ପାଇଁ ଏକ ଉପକରଣ ଭାବରେ ବ୍ୟବହାର କରିବେ ଓ ଆପଣଙ୍କୁ ତାଙ୍କର ଏକ ସାକ୍ଷୀ ଓ ଈଶ୍ୱରଙ୍କର ଏକ ଦାସ ଭାବରେ ପରିବର୍ତ୍ତିତ କରିବେ ।" ଏହିପରି ଭାବରେ ସେ ମୋତେ ଆଶୀର୍ବାଦ କରି ମୋ'ଠାରୁ ବିଦାୟ ନେଇଥିଲେ । ସେହିଦିନ ଆମେ କେବଳ ଦୁଇଜଣ ସେହି ଗୃହରେ ଉପସ୍ଥିତ ଥିଲୁ ।

ପ୍ରିୟ ଭାଇ ଓ ଭଉଣୀମାନେ, ଆପଣମାନେ ଏହି ଘଟଣା ବିଷୟରେ କ'ଣ ଭାବୁଛନ୍ତି ? ଆପଣମାନଙ୍କର ଅନୁଭୂତି କ'ଣ ? ମୋର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆପଣମାନଙ୍କର ଜୀବନରେ ଆହୁରି ଅଧିକ ଶ୍ରେଷ୍ଠତର ଆଶ୍ଚର୍ଯ୍ୟକର୍ମ କରିବେ । କେବଳ ତାଙ୍କୁ ଜୋରରେ ଧରି ରଖନ୍ତୁ ।

******************

ଆପଣଙ୍କର ପ୍ରାର୍ଥନା ଗୁରୁତ୍ୱପୂର୍ଣ୍ଣ ଅଟେ ।
ଆପଣଙ୍କର ବାଧ୍ୟତା ଗୁରୁତ୍ୱପୂର୍ଣ୍ଣ ଅଟେ ।
ଆପଣଙ୍କର ବିଶ୍ୱସ୍ତତା ଗୁରୁତ୍ୱପୂର୍ଣ୍ଣ ଅଟେ ।
ଆପଣଙ୍କର ପରିବାର ଆପଣଙ୍କର ଆଲୋକ ଆବଶ୍ୟକ କରେ ।
ଆପଣଙ୍କର କାର୍ଯ୍ୟସ୍ଥଳ ଆପଣଙ୍କର ଆଲୋକ ଆବଶ୍ୟକ କରେ ।
ଆପଣଙ୍କର ଅଞ୍ଚଳ ଆପଣଙ୍କର ଆଲୋକ ଆବଶ୍ୟକ କରେ ।
ଆପଣଙ୍କର ମଣ୍ଡଳୀ ଆପଣଙ୍କର ଆଲୋକ ଆବଶ୍ୟକ କରେ ।

ଏପରି ଲୋକ ଅଛନ୍ତି ଯେଉଁମାନେ ଗୋଟିଏ ଗୀର୍ଜା ଗୃହ ମଧ୍ୟରେ ଆଦୌ ପ୍ରବେଶ କରି ନାହାନ୍ତି, ମାତ୍ର ସେମାନେ ହୁଏତ ଆପଣଙ୍କ ଜୀବନ ମାଧ୍ୟମରେ ପ୍ରକାଶିତ ହେଉଥିବା ଆଲୋକ ଦ୍ୱାରା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ସାକ୍ଷାତ୍ କରିପାରନ୍ତି ।

ସେଥିପାଇଁ ଆପଣଙ୍କର ଆଲୋକକୁ ଲୁଚାନ୍ତୁ ନାହିଁ । ଆପଣଙ୍କର ବିଶ୍ୱାସ ପାଇଁ କ୍ଷମା ମାଗନ୍ତୁ ନାହିଁ । ଆପଣଙ୍କର ସାକ୍ଷ୍ୟକୁ ନୀରବ କରିବା ପାଇଁ କଷ୍ଟକର ପରିବେଶକୁ ସୁଯୋଗ ଦିଅନ୍ତୁ ନାହିଁ । ଆପଣଙ୍କ ଆଲୋକ ଗୁରୁତ୍ୱହୀନ ବୋଲି ଆପଣଙ୍କ ମନରେ ବିଶ୍ୱାସ ଜାତ କରାଇବା ପାଇଁ ଅନ୍ଧକାରକୁ ସୁଯୋଗ ଦିଅନ୍ତୁ ନାହିଁ ।

ଆଲୋକ ପ୍ରକାଶ କରି ଚାଲନ୍ତୁ !

ଆମେ ଭାରତରେ ପାଳିତ ହେଉଥିବା ଆଲୋକର ପର୍ବ ଉପରେ ଚିନ୍ତା କରୁଥିବା ସମୟରେ, ଆସନ୍ତୁ, ଗୋଟିଏ ବହୁ ଗୁଣରେ ଅଧିକ ଶ୍ରେଷ୍ଠତର ଆଲୋକକୁ ସ୍ମରଣ କରିବା ।

ଏହା ଏକ କ୍ଷଣସ୍ଥାୟୀ ଆଲୋକ ନୁହେଁ ।

ଏହା ନିର୍ବାପିତ ହୋଇପାରେ ନାହିଁ ।

ଏହା ମନୁଷ୍ୟର ହସ୍ତଦ୍ୱାରା ପ୍ରଜ୍ୱଳିତ ଆଲୋକ ନୁହେଁ । ମାତ୍ର ପ୍ରଭୁ ଯୀଶୁ ହିଁ ଜଗତର ଆଲୋକ ଅଟନ୍ତି । ସେ ଆମ ଅନ୍ଧକାର ମଧ୍ୟରେ ପ୍ରବେଶ କରିଥିଲେ । ସେ ଆମର ଚକ୍ଷୁକୁ ଉନ୍ମୁକ୍ତ କରିଥିଲେ ।

ସେ ପରିତ୍ରାଣ ଆଣିଥିଲେ ।

ସେ ପାପ ଓ ମୃତ୍ୟୁକୁ ପରାସ୍ତ କରିଥିଲେ ।

ପୁଣି ବର୍ତ୍ତମାନ ସେ ଆମକୁ କହୁଛନ୍ତି :

''ତୁମ୍ଭେମାନେ ଜଗତର ଜ୍ୟୋତିଃ...'' (ମାଥିଉ ୫:୧୪) ।

*ତେବେ ଆମକୁ ଆମର ହୃଦୟକୁ ଓ ଆମ ନିଜ ନିଜକୁ ପରୀକ୍ଷା କରିବା ଓ ପଚାରିବା :*

ଈଶ୍ୱର କେଉଁ ଅନ୍ଧକାର ମଧ୍ୟରେ ଆଲୋକ ପ୍ରକାଶ କରିବା ପାଇଁ ମୋତେ ଆହ୍ୱାନ କରୁଛନ୍ତି ? ମୁଁ ମୋର ଆଲୋକର ଉତ୍ସ ସହିତ ଏ ପର୍ଯ୍ୟନ୍ତ ସଂଯୁକ୍ତ ଅଟେ କି ?

ମୋ' ଜୀବନରେ କ'ଣ ଏପରି କୌଣସି ବିଷୟ ଅଛି, ଯାହା ଆଲୋକରୁ ପୃଥକ୍ ହେବା ଆବଶ୍ୟକ କରେ ?

ମୁଁ କଷ୍ଟକର ସମୟରେ ସୁଦ୍ଧା ଆଲୋକ ପ୍ରକାଶ କରିବା ପାଇଁ ଇଚ୍ଛା କରୁଥାଏ କି ?

ଲୋକମାନେ ମୋ' ଜୀବନ ମାଧ୍ୟମରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଦେଖିପାରନ୍ତି କି ?

*ଆମକୁ, ଆଜି ଗୋଟିଏ ନିଷ୍ପତ୍ତି ନେବା :*

ମୁଁ ଆଲୋକ ପ୍ରକାଶ କରିବି ।

ମୁଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହୋଇ ରହିବି ।

ମୁଁ ଆଲୋକରେ ଚାଲିବି ।

ମୁଁ ଅନ୍ଧକାରର କାର୍ଯ୍ୟଗୁଡ଼ିକୁ ଦୂରେଇ ଦେବି ।

ମୁଁ ଆଲୋକର ସଜ୍ଜା ପରିଧାନ କରିବି ।

ମୁଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଆଲୋକକୁ ମୋର ପରିବାର ମୋର ମଣ୍ଡଳୀ, ମୋର କାର୍ଯ୍ୟସ୍ଥଳ ଓ ମୋର ଅଞ୍ଚଳ ମଧ୍ୟକୁ ବହିନେବି ।

କାରଣ ଅନ୍ଧକାର ଆଲୋକକୁ ପରାଜୟ କରିପାରିବ ନାହିଁ ।

ପୁଣି ଯେତେବେଳେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମଠାରେ ବାସ କରନ୍ତି, ସେତେବେଳେ ଆମକୁ ଆଲୋକ ପ୍ରକାଶ କରିବା ନିମନ୍ତେ ଆହ୍ୱାନ କରାଯାଏ ।

''ଉଠ, ଦୀପ୍ତିମତୀ ହୁଅ, କାରଣ ତୁମ୍ଭର ଦୀପ୍ତି ଉପସ୍ଥିତ ଓ ସଦାପ୍ରଭୁଙ୍କର ପ୍ରତାପ ତୁମ୍ଭ ଉପରେ ଉଦିତ ହୋଇଅଛି'' (ଯିଶାଇୟ ୬୦:୧) ।

ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଆଲୋକ ଆମ ପ୍ରତ୍ୟେକଙ୍କ ମାଧ୍ୟମରେ ଅତି ଉଜ୍ଜ୍ୱଳ ଭାବରେ ପ୍ରକାଶ ପାଉ ଓ ଏହା ଆଶାହୀନମାନଙ୍କ ନିକଟକୁ ଆଶା, ଭଗ୍ନମାନଙ୍କ ନିକଟକୁ ସୁସ୍ଥତା, ହଜି ଯାଇଥିବା ଲୋକମାନଙ୍କ ନିକଟକୁ ଦିଶା ଓ ତାଙ୍କ ନାମ ପ୍ରତି ଗୌରବ ଆଣୁ ।

ଆମେନ୍ ।

******************

## ୫୭-ତମ ବାର୍ଷିକୀ ପାଳନ – ବିଶେଷ ଅତିଥି



ଏହି ଦିନଗୁଡ଼ିକରେ, ଭଉଣୀ ପଦ୍ମା ମୁଦାଲିୟର, ଭଉଣୀ ଜେବାକୁମାରୀ ଡେଭିଡ୍ ଓ ଭଉଣୀ ଶିବା (ସାୟିକା) ଆମର ବିଶେଷ ଅତିଥି ଥିଲେ ।

ଈଶ୍ୱର ସେମାନଙ୍କୁ ଶକ୍ତିର ସହିତ ବ୍ୟବହାର କରି, ଉପାସନା ସଭାଗୁଡ଼ିକରେ ଯୋଗ ଦେଇଥିବା ଓ ଆମର 'ଆହ୍ୱାନର ପ୍ରତିଧ୍ୱନି' ୟୁ-ଟ୍ୟୁବ୍ ଚ୍ୟାନେଲ ମାଧ୍ୟମରେ ଏହି କାର୍ଯ୍ୟକ୍ରମଗୁଡ଼ିକୁ ଦେଖୁଥିବା ଲୋକମାନଙ୍କର ବିଶ୍ୱାସକୁ ସୁଦୃଢ଼ କରିଥିଲେ ।

ଆମେ ଈଶ୍ୱରଙ୍କ ଲୋକମାନଙ୍କ ଜୀବନ ପ୍ରତି ଆଶୀର୍ବାଦ ଓ ଉତ୍ସାହର ଉପକରଣ ଭାବରେ ସେମାନଙ୍କୁ ବ୍ୟବହାର କରିଥିବାରୁ ତାଙ୍କର ପ୍ରଶଂସା କରୁଅଛୁ ।

## ଆବଶ୍ୟକ

ଆମେ ଆମ ସେବାକାର୍ଯ୍ୟରେ ଯୋଗ ଦେବା ପାଇଁ ସମର୍ପିତ ଓ ଦାୟିତ୍ୱବାନ ଲୋକମାନଙ୍କୁ ଅନ୍ୱେଷଣ କରୁଅଛୁ ।



**୧. ଅଫିସ କର୍ମଚାରୀ ଓ ନେତୃବୃନ୍ଦ**

ଆବେଦନକାରୀମାନେ କମ୍ପ୍ୟୁଟର ଓ ଇଂରାଜୀ ଭାଷାରେ ଦକ୍ଷ ହୋଇଥିବେ ।



**୨. କାର୍ ଚାଳକମାନେ**

ଦାୟିତ୍ୱବାନ୍ ଓ ଅଭିଜ୍ଞ ଗାଡ଼ିଚାଳକମାନେ ଆବଶ୍ୟକ ।



**୩. ସୁରକ୍ଷାକର୍ମୀ**

ସୁରକ୍ଷା କାର୍ଯ୍ୟ ପାଇଁ ନିର୍ଭରଯୋଗ୍ୟ ଓ ଦାୟିତ୍ୱବାନ୍ ବ୍ୟକ୍ତିମାନେ ଆବଶ୍ୟକ ।

ଆଗ୍ରହୀ ପ୍ରାର୍ଥୀମାନେ ନିମ୍ନଲିଖିତ ଠିକଣାରେ ସେମାନଙ୍କର ସବିଶେଷ ବିବରଣୀ (**bio-data**) ପ୍ରେରଣ କରିପାରିବେ ।

WhatsApp: +91 98412 71858

Email: sam@echoofhiscall.org

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## OUR BANK DETAILS:

### 1. Bank : State Bank of India

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### 2. Bank : ICICI Bank

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### 3. Bank : State Bank of India

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

## OUR QR CODE:

ECHO OF HIS CALL

Scan to pay with any UPI app

**Google Pay: 98410 71858**
**PayPal : SAM SELVA RAJ**
*****
E.mail : sam@echoofhiscall.org

# ଆହ୍ବାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ବାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ବରଙ୍କ ସନ୍ତାନମାନଙ୍କର ପ୍ରୋତ୍ସାହନ ଓ ଚାନ୍ଦା ଦ୍ବାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ବାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ବାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ବାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ବାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ / ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

ଆମର ଠିକଣା :

**ECHO OF HIS CALL**
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS Patrika Channel"**
**on 17th OCTOBER 2026.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**